ଧରିତ୍ରୀ
DHARITRI
October 20-26, 2019 ₹ 2/-

# ଛୁଟି ଦିନ



## ନିଆରା ସ୍ରଷ୍ଟା

ଆବଶ୍ୟକତା ସବୁବେଳେ ଉଦ୍ଭାବନର କାରଣ। ସେଥିପାଇଁ ଜରୁରୀ ନୁହେଁ ବିଧିବଦ୍ଧ ଶିକ୍ଷା ବା ପ୍ରଶିକ୍ଷଣ, ଯାହା ପ୍ରମାଣ କରି ଦେଖାଇଛନ୍ତି ଏମାନେ। କାହାରିଠାରୁ ପ୍ରଶିକ୍ଷଣ ନ ନେଇ ବି ତିଆରି କରିଛନ୍ତି ନୂଆ ନୂଆ ଜିନିଷ...

୩
ପ୍ରଚ୍ଛଦ ପ୍ରସଙ୍ଗ

୮/୯
ସିନେମା



ସହରଠୁ ଦୂର
୧୩



# ପରଫ୍ୟୁମରୁ ଜାଣନ୍ତୁ ବ୍ୟକ୍ତିତ୍ୱ



ପ୍ରସାଧନ ସାମଗ୍ରୀ ମଧ୍ୟରେ ଅତର ବା ପରଫ୍ୟୁମ୍ ଆମର ଏକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ। ଏହା ଆମକୁ ଦିନ ତମାମ ସତେଜ ରଖିବା ସହ ସୁଗନ୍ଧ ମଧ୍ୟ ପ୍ରଦାନ କରିଥାଏ। ଆଉ ଏହାକୁ ନେଇ ବିଭିନ୍ନ ବ୍ୟକ୍ତିଙ୍କ ପସନ୍ଦ ଭିନ୍ନ ଭିନ୍ନ ଥାଏ। ତେବେ ବ୍ୟବହାର କରୁଥିବା ପରଫ୍ୟୁମର ସୁଗନ୍ଧରୁ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ବି ଅନେକ କଥା ଜାଣିହୁଏ।

* ଉଡି ପରଫ୍ୟୁମ୍ ବା ଗଛର କାଠରୁ ନିର୍ମିତ ପରଫ୍ୟୁମ୍ ବ୍ୟବହାର କରୁଥିବା ବ୍ୟକ୍ତି ସାଧାରଣତଃ ପ୍ରକୃତିପ୍ରେମୀ ହୋଇଥାନ୍ତି। ଏହି ବ୍ୟକ୍ତିମାନେ ପେଶାଦାର, ନିଖୁଣତା ପ୍ରିୟ ତଥା ପାଠପଢା କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥାନ୍ତି।

* ଫ୍ଲୋରାଲ ପରଫ୍ୟୁମ ବା ଫୁଲ ବାସ୍ନାଯୁକ୍ତ ପରଫ୍ୟୁମ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ମନ ଖୋଲା ମିଜାଜର। ଏମାନେ ବନ୍ଧୁପ୍ରିୟ ଓ ନମ୍ର ସ୍ୱଭାବର ହୋଇଥାନ୍ତି। ସାଧାରଣତଃ ମହିଳାମାନେ ଏହି ପ୍ରକାର ପରଫ୍ୟୁମ ପସନ୍ଦ କରିଥାନ୍ତି।

* ଓରିଏଣ୍ଟାଲ ପରଫ୍ୟୁମ ଯେପରି ଭାନିଲା, ଚକୋଲେଟ, କଫି, ଡାଲଚିନି, ଲବଙ୍ଗ ଆଦି ବାସ୍ନାଯୁକ୍ତ ପରଫ୍ୟୁମ୍ ବ୍ୟବହାର କରୁଥିବା ବ୍ୟକ୍ତି ସାହସୀ ତଥା ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଲାଗି ଚେଷ୍ଟା କରିଥାନ୍ତି। ଏହି ବ୍ୟକ୍ତିମାନେ ତେଜସ୍ୱୀ ତଥା ସର୍ବଦା ଉତଫୁଲ୍ଲିତ ରହିଥାନ୍ତି।

* ଫ୍ରୁଟ ପରଫ୍ୟୁମ ବା ଫଳ ବାସ୍ନାଯୁକ୍ତ ପରଫ୍ୟୁମ ସତେଜତା ପ୍ରଦାନ କରିଥାଏ। ଏହି ପରଫ୍ୟୁମ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଠାରେ ଯୁବ ସୁଲଭ ଗୁଣ ଥିବା ସହ ସେମାନେ ତେଜସ୍ୱୀ ହୋଇଥାନ୍ତି।

* ଗ୍ରିନ ପରଫ୍ୟୁମ ବା ପତ୍ରରୁ ନିର୍ମିତ ପରଫ୍ୟୁମ୍ ପସନ୍ଦ କରୁଥିବା ବ୍ୟକ୍ତି ପ୍ରକୃତିପ୍ରେମୀ ହୋଇଥାନ୍ତି। ପ୍ରକୃତିକୁ ପାଖରୁ ଦେଖିବା ଏବଂ ଅନୁଭବ କରିବାକୁ ଏମାନେ ପସନ୍ଦ କରିଥାନ୍ତି। ଏହି ବ୍ୟକ୍ତିମାନେ ମାର୍ଜିତ ତଥା ଉତ୍କୃଷ୍ଟ ଜୀବନ ଶୈଳୀ ସହ ବଞ୍ଚିବାକୁ ଚେଷ୍ଟା କରିଥାନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୦-୨୬

### ମେଷ



ସ୍ୱାସ୍ଥ୍ୟ ସମସ୍ୟା, ନୂତନ ଗୃହ, ଜମିଜମା ବିକ୍ରୟ, ଭୁଲ୍‌ବୁଝାମଣା, ବନ୍ଧୁ ମତାନ୍ତର, ସମ୍ପର୍କୀୟଙ୍କ ଅସହଯୋଗ, ସହକର୍ମୀଙ୍କ ଯୁକ୍ତିତର୍କ, କଳା କୁଶଳତା, ସାହିତ୍ୟାନୁରାଗ, ଆନୁଷ୍ଠାନିକ କାର୍ଯ୍ୟ, ମାଲି ମକଦ୍ଦମାରୁ ଦୁଃଶ୍ଚିନ୍ତା, ଆର୍ଥିକ ଅଭିବୃଦ୍ଧି, ଧର୍ମକାର୍ଯ୍ୟରେ ବାଧା।

### ବୃଷ


କର୍ମରେ ପ୍ରତିରୋଧ, ବ୍ୟବସାୟରେ ପ୍ରତିବନ୍ଧକ, ସାମାଜିକ ସମ୍ମାନ, କ୍ରୀଡାରେ ଅପ୍ରତିଦ୍ୱନ୍ଦୀତା। ଯାନ୍ତ୍ରିକ ଜିନିଷକ୍ରୟ, ଚୋରୀ ଜନିତ ଧନ ହାନୀ। ବନ୍ଧୁ ମନାନ୍ତର, ଆତ୍ମୀୟଙ୍କ କଳହ, ସ୍ୱାସ୍ଥ୍ୟ ହାନୀ।

### ମିଥୁନ


ଆର୍ଥିକ ଅଭିବୃଦ୍ଧି, ନୂତନ ଗୃହଲାଭ, ଯାନ ବାହାନ କ୍ରୟ, ଖଳଲୋକଙ୍କ ପ୍ରାଦୁର୍ଭାବ, ସାମୟିକ ଦେହପୀଡା । ଜନସମ୍ପର୍କ, ବ୍ୟବସାୟର ସଂପ୍ରସାରଣ, ମାନସିକ ଅସ୍ଥିରତା, ବିରକ୍ତି ବୋଧ, କଚେରୀ ମାମଲା।

### କର୍କଟ



ନିରୁତ୍ସାହତା, କାର୍ଯ୍ୟଶୈଳୀର ପରିବର୍ତ୍ତନ, ପ୍ରଗତିର ଦ୍ୱାର ଖୋଲିବ, ଭୁଲ୍ ବୁଝାମଣା। ପ୍ଲଟିଙ୍ଗ୍ କାରବାରରେ ଉନ୍ନତି, ଶେୟାର ବଜାରରେ କ୍ଷତି, ନୂତନ ପ୍ରକଳ୍ପର ଶୁଭାରମ୍ଭ, ଘରୋଇ ସମସ୍ୟା, ପ୍ରତିଯୋଗିତାରେ ସଫଳତା।

### ସିଂହ


ନୂତନ ଯୋଜନା, ସାମାଜିକ ପ୍ରତିଷ୍ଠା, ଅନୁକୂଳ ସ୍ୱାସ୍ଥ୍ୟ, ପିଲାଙ୍କ କୃତିତ୍ୱ , ଆଇନ ଅଦାଲତରେ ସଫଳତା, ବ୍ୟବସାୟରେ ନୂତନ ପୁଞ୍ଜି ଲଗାଣ, ଉପରିସ୍ଥଙ୍କ ଉଦାସୀନତା, ସହକର୍ମୀଙ୍କ ଅସହଯୋଗ।

### କନ୍ୟା


ସ୍ନାୟବିକ ଦୁର୍ବଳତା, ମାଲିମକଦ୍ଦମାରୁ ଦୁଃଶ୍ଚିନ୍ତା। ଜମିଜମା ବିବାଦ, ପରୋକ୍ଷ ଶତ୍ରୁତା, ପ୍ରଶାସନିକ ଚାପ। ସାଂଗଠନିକ ସଫଳତା, ଚୁକ୍ତିପତ୍ର ସମ୍ପାଦନ, ନୂତନ ଯୋଜନା, ଉନ୍ନତିରେ ପ୍ରତିବନ୍ଧକ।

### ତୁଳା


ସାମାଜିକ ପ୍ରତିଷ୍ଠା, ନୂତନ ଗୃହ ନିର୍ମାଣ, ଧାତୁ ଅଳଙ୍କାରକ୍ରୟ, ପରିବାରରେ କଳହ, ଭୁଲ୍ ବୁଝାମଣା। କଚେରୀ ମାମଲା, ରଚନାତ୍ମକ କାମ, ଆର୍ଥିକ ଉନ୍ନତି, ମନୋରଞ୍ଜନରୁ ଆନନ୍ଦ, କର୍ମଚାରୀଙ୍କ ବିରୁଦ୍ଧାଚରଣ, ସ୍ଥାନାନ୍ତରର ସମ୍ଭାବନା।

### ବିଛା


ନୂତନ କର୍ମାରମ୍ଭ, ହିତୈଷୀଙ୍କ ବାଚନିକ ସାହାଯ୍ୟ, ପ୍ରତିଯୋଗୀତାରେ ସଫଳତା, ସଙ୍ଗୀତ ସମାରୋହରୁ ପ୍ରଶଂସା, ଆତ୍ମୀୟଙ୍କ ବିରୋଧାଭାଷ, କର୍ମକ୍ଷେତ୍ରରେ ଉଚ୍ଚଆଶା, ଅର୍ଥ ଦ୍ରବ୍ୟ ଲାଭ, ଶୁଭ ସମ୍ବାଦ, ଆମୋଦ ପ୍ରମୋଦ, ସାମାଜିକ ପ୍ରତିଷ୍ଠା।

### ଧନୁ


ଦୁଃସାହସିକ ପଦକ୍ଷେପ, ଉନ୍ନତିମୂଳକ କାର୍ଯ୍ୟ, ସରକାରୀ ସୁବିଧା, ପରିବହନରୁ ସୁଫଳ। ସହକର୍ମୀଙ୍କ ବିରୋଧ, ନୀଚ ସଙ୍ଗରୁ ଅପବାଦ, ସ୍ୱାସ୍ଥ୍ୟହାନୀ, ପରୋପକାରରୁ ପ୍ରଶଂସା, ବନ୍ଧୁମିଳନରୁ ଆନନ୍ଦ।

### ମକର


ଶାରୀରିକ ସୁସ୍ଥତା, ପଡୋଶୀଙ୍କ ସହ ମନୋମାଳିନ୍ୟ, ଖର୍ଚ୍ଚର ସୁଅ ବୃଦ୍ଧି, ଆତ୍ମବିଶ୍ୱାସ ହରାଇବେ, ଗବେଷଣାରୁ ସୁନାମ, ଋଣ ପରିଶୋଧ କରିପାରନ୍ତି, ଦୂରଯାତ୍ରା ପ୍ରସ୍ତୁତି, ଉପରିସ୍ଥଙ୍କ ବଦାନ୍ୟତା, ସ୍ଥାନାନ୍ତର ସ୍ଥଗିତ ରହିବ।


### କୁମ୍ଭ


ବିଭିନ୍ନ ସମସ୍ୟା, ମାନସିକ ଦୁଃଶ୍ଚିନ୍ତା, ସାମୟିକ ଅସୁସ୍ଥତା। ଯାନବାହନରେ ସଂସ୍କାର। ବକେୟାପ୍ରାପ୍ତି, ପ୍ରଶାସନିକ ସଫଳତା, ଆମଦାନି କାରବାର ବୃଦ୍ଧି, କଳାସାହିତ୍ୟରେ ସମ୍ମାନ, ବିବାଦର ପରିସମାପ୍ତି, ପାରିବାରିକ ମନାନ୍ତର, ନୂତନ ବନ୍ଧୁସମ୍ପର୍କ ।

### ମୀନ


ମାନସିକ ଅସ୍ଥିରତା, ଆବିଳତା ବୃଦ୍ଧି, ବିଳାସବ୍ୟସନ, ଅର୍ଥ ବରବାଦ। ଧନକ୍ଷୟ, ଯାନ୍ତ୍ରିକ ଦୁର୍ଘଟଣା, ପାରିବାରିକ ଅଭାବ, ଋଣ ପରିଶୋଧ, ଶତ୍ରୁତାର ଅବସାନ। ସତ୍‌ସଙ୍ଗ ଲାଭ, ପୁରାତନ ରୋଗ ପୀଡା।

# ଗଛ କରୁଛି ଟ୍ୱିଟ୍



ଆଜିର ଏହି ସୋସିଆଲ ମିଡିଆ ଯୁଗରେ ସୋସିଆଲ ସାଇଟ୍ସକୁ ନେଇ ପ୍ରାୟ ସମସ୍ତେ ଅବଗତ। ଫେସବୁକ, ହ୍ୱାଟ୍ସଆପ, ଟ୍ୱିଟର ଭଳି ସୋସିଆଲ ସାଇଟ୍ସର ଏବେ ବହୁଳ ବ୍ୟବହାର ହେବାରେ ଲାଗିଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ମଣିଷଙ୍କ ଭଳି ଏବେ ଏକ ଗଛ ମଧ୍ୟ କରୁଛି ଟ୍ୱିଟ୍। ମାଶାଚୁସେଟ ପିଟରସନ୍‌ର ହାଓ୍ୱାର୍ଡ ଜଙ୍ଗଲରେ ରହିଛି ଏଭଳି ଏକ ଗଛ ଯିଏକି ପରିବେଶର ତାପମାତ୍ରା ସମ୍ପର୍କରେ ଅବଗତ କରାଇବାକୁ ଯାଇ ପ୍ରତିଦିନ କରୁଛି ଟ୍ୱିଟ୍। ୮୫ ଫୁଟ ଲମ୍ବ ବିଶିଷ୍ଟ ଏହି ଗଛଟି ହାଓ୍ୱାର୍ଡ ଜଙ୍ଗଲରେ ଥିବା ସବୁଠାରୁ ପୁରୁଣା ଗଛ। ଯାହାର ନାଆ ହେଉଛି 'ରେଡ ଓକ୍'। ହାଓ୍ୱାର୍ଡ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଏରିଜୋନା ବିଶ୍ୱବିଦ୍ୟାଳୟର ଏକ ପୋଷ୍ଟ ଡକ୍ଟୋରାଲ ଟିମ୍ ଏଠାରେ ଥିବା ବିଭିନ୍ନ ଗଛ ଉପରେ ଗବେଷଣା କରିବା ପରେ ଏହି ଗଛକୁ ବାଛିଥିଲେ ଏଭଳି ଏକ ଆଧୁନୀକ ପରିକ୍ଷଣ କରିବା ଲାଗି। ଗବେଷକମାନେ ଏହି ଗଛରେ ବିଭିନ୍ନ କାର୍ଯ୍ୟ ଲାଗି ଭିନ୍ନ ଭିନ୍ନ ଅଟୋମେଟିକ ସେନସର ଲଗାଇଛନ୍ତି ଯାହା ବୋଟ୍‌କୁ ଡାଟା ପ୍ରଦାନ କରିଥାଏ ଏବଂ ଏହି ବୋଟ ଟ୍ୱିଟରରେ ଟ୍ୱିଟ କରିଥାଏ। ଗଛର ଶାଖା ଏବଂ ଗଣ୍ଡିରେ ଲାଗିଥିବା ଏହି ସେନସର ବାୟୁମଣ୍ଡଳ ତାପମାତ୍ରା ସମ୍ପର୍କରେ ସୂଚନା ଦେବା ସହ ଗଛ ଏବଂ ଜଙ୍ଗଲରେ ପାଣିର ମାତ୍ରା ସମ୍ପର୍କରେ ମଧ୍ୟ ଅବଗତ କରାଇଥାଏ। କେବଳ ସେତିକି ନୁହେଁ ଏହି ଗଛରେ ଏକ କ୍ୟାମେରା ମଧ୍ୟ ଖଞ୍ଜା ଯାଇଛି ଯାହା ବିଭିନ୍ନ ସମୟରେ ପାରିପାର୍ଶ୍ୱିକ ପରିବେଶର ଫଟୋ ଉଠାଇ ଟ୍ୱିଟ କରିଥାଏ।

# ପାଠକୀୟ

❖ଯେବେ ଯେବେ ନାରୀର ଧୈର୍ଯ୍ୟ ବନ୍ଧବାଡ଼ ଭାଙ୍ଗେ ସେ ନେଇପାରେ ଉଗ୍ରରୂପ। ଆଉ ତା' ସମ୍ମୁଖରେ ଥିବା ମହିଷାସୁର ରୂପୀ ଅତ୍ୟାଚାରୀକୁ ସେ କରିପାରେ ଦମନ। ତା' ତେଜରେ ଲୁଚିଯାଏ ସବୁ ଅନ୍ୟାୟ, ଅତ୍ୟାଚାରର ଅନ୍ଧକାର। ସେମିତି କେତେଜଣ ତେଜସ୍ୱିନୀ ମହିଳାଙ୍କ ସାହସର ଗାଥାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ତେଜସ୍ୱିନୀ'ଟି ଏକ ପ୍ରେରଣାଦାୟୀ ବିଷୟ ଥିଲା। ସେହିପରି 'ରଙ୍ଗ ଅନୁଯାୟୀ ପାଳନ୍ତୁ ନବରାତ୍ର', 'ଚକୋଲେଟ୍ ଦୁର୍ଗାମୂର୍ତ୍ତି' ଆଦି ପାଠଗୁଡ଼ିକ ବି ଖୁବ୍ ଶିକ୍ଷଣୀୟ ଥିଲା।

*–ଅଭିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ–୨*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ତେଜସ୍ୱିନୀ'ରେ ସ୍ଥାନ ପାଇଥିବା କେତେଜଣ ସାହସୀ ମହିଳାମାନଙ୍କର ଗୌରବର ଗାଥା ପଢିଲି, ଏହା ଖୁବ୍ ହୃଦୟସ୍ପର୍ଶୀ ଥିଲା। ବର୍ତ୍ତମାନ ଯୁଗର ନାରୀମାନଙ୍କ ପାଇଁ ସେମାନେ ଜଣେ ଜଣେ ଉଦାହରଣ କହିଲେ ଭୁଲ୍ ହେବନାହିଁ। ମା' ଦୁର୍ଗାଙ୍କ ଉପରେ ଆଧାର କରି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଏଥରର କବିତା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଅନ୍ୟପକ୍ଷେ ଗପ ପୃଷ୍ଠାଟିରେ ସ୍ଥାନ ପାଇଥିବା 'ମହିଷାସୁର ବଧ' ଏବଂ 'ବିଦାୟ ବିନିତା' ନାମକ ଗପ ଦୁଇଟି ବି ଖୁବ୍ ସୁନ୍ଦର ହୋଇଥିଲା।

*–ଫକୀର ମୋହନ ଦାଶ, ବାଣପୁର, ଖୋର୍ଦ୍ଧା*

❖ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ନାଟ୍ୟସ୍ରଷ୍ଟା 'ଚନ୍ଦ୍ରଶେଖର କମ୍ବର'ଙ୍କ ଜୀବନୀ ସମ୍ପର୍କରେ ଅନେକ କିଛି ଅଜଣା କଥା ଜାଣିହେଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ୟାମିଙ୍କ ଶପିଂ ମାନିଆ', 'ରେଖାଙ୍କ ମେକଅପ୍ ନିଶା', 'ଗପୁଡ଼ି ଦୀପିକା' ଏବଂ 'ଅନୁତାପ କରୁଛନ୍ତି ଶାହରୁଖ' ଆଦି ପାଠଗୁଡ଼ିକ ଖୁବ୍ ମଜାଦାର୍ ଥିଲା। ଏପରି କି ଦୀପିକାଙ୍କ ଫଟୋଟି ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ଫରେଷ୍ଟର ମେରିନା ଗିରିଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ଖୁବ୍ ମନଛୁଆଁ ହୋଇଥିଲା।

*–ନିକିତା ସେଠୀ, ଆଳି, କେନ୍ଦ୍ରାପଡ଼ା*

❖ସାଥୀର ପ୍ରଶ୍ନ ଓ ତା'ର ମଜାଦାର୍ ଉତ୍ତର ପଢିବାକୁ ମୋତେ ଖୁବ୍ ଭଲ ଲାଗେ। 'ଓଳଗ ଗାଁର ନିଆରା ପାର୍ବଣ' ପାଠଟିରୁ ଏକ ବିରଳ ପରମ୍ପରା ସମ୍ପର୍କରେ ଜାଣିହେଲା। ମଡେଲ୍ ମିରର୍‌ରେ ସୋନାଲିକା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି 'ବାରାଣସୀ ଦୁର୍ଗା ମନ୍ଦିର' ସମ୍ପର୍କରେ ସହର ପୃଷ୍ଠାରୁ ବହୁତ କିଛି ଜାଣିବାକୁ ମିଳିଲା। ଯାତ୍ରା ଦେଖିବାକୁ ମୋତେ ଯେତିକି ଭଲ ଲାଗେ ଯାତ୍ରା ସହ ସଂଶ୍ଳିଷ୍ଟ ଥିବା କଳାକାରମାନଙ୍କର ଜୀବନୀ କାହାଣୀ ବି ପଢିବାକୁ ସେତିକି ଇଚ୍ଛା ହୁଏ। ତେଣୁ ଛୁଟିଦିନରେ ପ୍ରକାଶ ପାଉଥିବା 'ମଞ୍ଚମାୟା' ମୋର ଅତି ପ୍ରିୟ।

*–ମୁରଲୀଧର ପଣ୍ଡା, ପାଣିକୋଇଲି, ଯାଜପୁର*

❖ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ ତଥା ଆଶ୍ଚର୍ଯ୍ୟ କରିଦେବା ଭଳି ବିଷୟବସ୍ତୁଗୁଡ଼ିକୁ ପଢିବାକୁ ଭାରି ମଜାଲାଗେ। ଖାସ୍‌କରି ଏଥର ପ୍ରକାଶ ପାଇଥିବା 'ସ୍କାଏ ପୁଲ୍', 'ମା' ହବ ତ ଏମିତି', 'ପେଣ୍ଟର୍ ମୂଷା', 'କେକ୍‌ରେ ଗଢ଼ନ୍ତି ନୂଆ ଦୁନିଆ' ଏବଂ 'ହ୍ୱିଲ୍ ଚେୟାର୍‌ରେ ବସି କଲେ ରେକର୍ଡ' ଆଦି ପାଠଗୁଡ଼ିକ ଖୁବ୍ ମଜାଦାର୍ ଥିଲା।

*–ସରୋଜ ମହାରଣା, ସମ୍ବଲପୁର*

## ବିଶେଷ ଚିଠି



ରବିବାର ଧରିତ୍ରୀ ଛୁଟିଦିନ
ତାକୁ ପଢିବାକୁ ସଭିଙ୍କ ମନ,
ପ୍ରଚ୍ଛଦ ପୃଷ୍ଠାରୁ ବ୍ୟାକ୍‌ପେଜ୍ ଖବର
ଅଟେ ସେ ଜ୍ଞାନ ବିଜ୍ଞାନର ଗନ୍ତାଘର।
ସାଥୀ ପୃଷ୍ଠାର ଉତ୍ତର କରେ
ପ୍ରେମ ସମସ୍ୟାର ସମାଧାନ,
ଛୁଟିଦିନ ଧରିତ୍ରୀର ପ୍ରତିଟି ପୃଷ୍ଠା
ସଭିଙ୍କୁ କରେ ମନୋରଞ୍ଜନ।

*–ବୁଟୁ ବିନୋଦ ବେହେରା, ଗୋଶାଳା ରୋଡ୍, ନୂଆବଜାର, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com






# ନିଆରା ସ୍ରଷ୍ଟା



**ଆବଶ୍ୟକତା ସବୁବେଳେ ଉଦ୍ଭାବନର କାରଣ। ସେଥିପାଇଁ ଜରୁରୀ ନୁହେଁ ବିଧିବଦ୍ଧ ଶିକ୍ଷା ବା ପ୍ରଶିକ୍ଷଣ, ଯାହା ପ୍ରମାଣ କରି ଦେଖାଇଛନ୍ତି ଏମାନେ। କାହାରିଠାରୁ ପ୍ରଶିକ୍ଷଣ ନ ନେଇ ବି ତିଆରି କରିଛନ୍ତି ନୂଆ ନୂଆ ଜିନିଷ...**




ମଣିଷର କୌଣସି ଆବଶ୍ୟକତା ଯେତେବେଳ ତାକୁ ବ୍ୟତିବ୍ୟସ୍ତ କରିପକାଏ ସେ ସମାଧାନର ବାଟ ଖୋଜିଥାଏ। ସେଥିପାଇଁ କୁହାଯାଏ ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ । ତେବେ ଏଥିପାଇଁ କୌଣସି ସ୍ୱତନ୍ତ୍ର ଗବେଷଣାଗାର ବି ଦରକାର ପଡ଼େନା । ବିନା ଗବେଷଣାଗାରରେ କେହିକେହି ତିଆରି କରିଥାନ୍ତି କିଛି ନିଆରା ଯନ୍ତ୍ରପାତି। ସେମିତି କେତେଜଣଙ୍କ ସମ୍ପର୍କରେ..

**ସୋଲାର ଔଷଧ ସ୍ପ୍ରେ ମେଶିନ ତିଆରି କଲେ ଯୁବକ:** ଆମ ଦେଶ ସାଧାରଣତଃ କୃଷିପ୍ରଧାନ ଦେଶ। ଚାଷକ୍ଷେତ୍ରରେ ଉନ୍ନତି ଘଟିଲେ ଦେଶର ବିକାଶ ହୋଇପାରିବ। ତେବେ ଆଧୁନିକ ଜ୍ଞାନକୌଶଳକୁ ପୁଞ୍ଜିକରି ଅନେକ ପ୍ରକାରର କୃଷି ଉପକରଣ ଯନ୍ତ୍ରପାତି ନିର୍ମାଣ ହୋଇପାରିଛି। ଶସ୍ୟ କ୍ଷେତ୍ର ଏବଂ ବୃକ୍ଷଲତାରେ ବିଭିନ୍ନ ସମୟରେ ଲାଗୁଥିବା କୀଟଗୁଡ଼ିକୁ ଦମନ କରିବା ପାଇଁ ଅନେକ ସମୟରେ ଔଷଧ ସିଞ୍ଚନ କରାଯାଇଥାଏ । କିନ୍ତୁ ଜଣେ ଯୁବକ ନିଜର ବୁଦ୍ଧି ଖଟାଇ ଏକ ଔଷଧ ସିଞ୍ଚନ ଯନ୍ତ୍ର ନିର୍ମାଣ କରିପାରିଛନ୍ତି। ସେ ହେଲେ ତତ୍‌ସତ୍ ସ୍ୱାଇଁ। ବୟସ ୧୯ବର୍ଷ। ବାପାଙ୍କ ନାମ ବିଶ୍ୱନାଥ ସ୍ୱାଇଁ। ମା' ପ୍ରମିଳା ସ୍ୱାଇଁ। ତତ୍‌ସତ୍ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଛାତ୍ର। ଘର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ସାନଶାସନ ଗ୍ରାମପଞ୍ଚାୟତର ବାହାଦୁର ନଗରରେ। ମାତ୍ର ଘର ଚଳିବାରେ ତତ୍‌ସତ୍ ବାପାଙ୍କୁ ସାହାଯ୍ୟ କରିଥାନ୍ତି। ଏଥିପାଇଁ ସେ ଅନେକ ସମୟରେ କୃଷିକ୍ଷେତ୍ରରେ କାର୍ଯ୍ୟ ବି କରିଥାନ୍ତି। ତାଙ୍କ ଚାଷଜମିରେ ଯେଉଁ ଫସଲ କରିଥାନ୍ତି, ସେଥିରେ ଯେଉଁ କୀଟ ଆଦି ପୋକ ଲାଗନ୍ତି ତାହାକୁ ଦମନ ପାଇଁ ସେ ଔଷଧ ସିଞ୍ଚନ ଯନ୍ତ୍ରର ବ୍ୟବହାର କରୁଥିଲେ। ମାତ୍ର ତାହାର ହ୍ୟାଣ୍ଡେଲକୁ ବାରମ୍ବାର ଚାପିବାକୁ ପଡୁଥିଲା। ଏହା କିପରି ଆଉ ଟିକେ ସରଳ ଓ ସହଜ ହୋଇପାରିବ ସେଥିପାଇଁ ସେ ଚନ୍ତାକରି ଏକ ସୋଲାର ପ୍ଲେଟ,୧୨ଭୋଲଟ ମୋଟର, ସୋଲାର ପ୍ୟାନେଲ, ବ୍ୟାଟେରି ଦ୍ୱାରା ଏକପ୍ରକାର ସ୍ପ୍ରେ ଯନ୍ତ୍ର ନିର୍ମାଣ କରିପାରିଛନ୍ତି । ଯାହା ଦ୍ୱାରା ଚାଷ କ୍ଷେତ୍ରରେ ସହଜରେ ଔଷଧ ସିଞ୍ଚନ ସୁବିଧାରେ ହୋଇପାରୁଛି । ଖୁବ୍ କମ୍ ସମୟ ମଧ୍ୟରେ ଅଧିକ ଜାଗାରେ ଚାଷୀ ଏହି ଯନ୍ତ୍ର ଦ୍ୱାରା ତା'ର କୃଷି କାର୍ଯ୍ୟରେ ଔଷଧ ସିଞ୍ଚନ କରିପାରିଥାଏ। ଏଥିରୁ କୃଷକମାନଙ୍କୁ ପୂର୍ବ ମେଶିନ ପରି ହ୍ୟାଣ୍ଡଲ ବ୍ୟବହାର କରିବାକୁ ପଡୁଥିବାବେଳେ କେବଳ ସୁଇଚ ଟିପିଲେ ଧାନଗଛ ଉପରେ ସିଧା ସଳଖ ଭାବେ ଔଷଧସିଞ୍ଚନ ହୋଇପାରିବ । ଅନ୍ୟପକ୍ଷେ ଏଥିରୁ ସଞ୍ଚିତ ବିଦ୍ୟୁତ୍ ଶକ୍ତିକୁ ନିଜେ ବ୍ୟବହାର କରିପାରିବେ । ୩ଟି ଡିସି ଏଲଇଡି ବଲ୍‌ବ ମଧ୍ୟ ଜଳିପାରିବ। ଏହି ଯନ୍ତ୍ର ନିର୍ମାଣ ପାଇଁ ପ୍ରାୟ ୨ମାସ ସମୟ ଲାଗିଥିଲା ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ କେତେକ ମୋଟର ଯାନକୁ ସଫା କରିବାରେ ଏହା ସାହାଯ୍ୟ ବି କରିପାରେ । ତେବେ ଏପରି ଯନ୍ତ୍ରକୁ ଚାଷ କାର୍ଯ୍ୟରେ ବ୍ୟବହାର ଯୋଗୁ ବେଶ୍ ଉପକୃତ ହୋଇପାରିଥିବା ସେ କୁହନ୍ତି।

**୬ ବର୍ଷର ବାଳକ ତିଆରିକଲେ ମୋବାଇଲ ଆପ୍:** ବୟସ ମାତ୍ର ୬ବର୍ଷ । ଏହି ବୟସରେ ସେ ନିଜର ଅନନ୍ୟ ପ୍ରତିଭା ପାଇଁ ସୃଷ୍ଟି କରିପାରିଛନ୍ତି ନିଆରା ପରିଚୟ। ନାମ ଭେଙ୍କଟ ରମଣ ପଟ୍ଟନାୟକ,ବୟସ ୬ବର୍ଷ, ପିତାଙ୍କ ନାମ କୁଳଦୀପ ପଟ୍ଟନାୟକ, ମା' ଡି. ପ୍ରମିଳା କୁମାରୀ। ଘର ଗଞ୍ଜାମ ଜିଲାରେ। ମାତ୍ର ସେ ରୁହନ୍ତି ବଲାଙ୍ଗୀର ଜିଲାର ପ୍ୟାଲେସ ଲାଇନରେ। ବାପା ତାଙ୍କର ଜଣେ ଅନ୍‌ଲାଇନ ଉଦ୍ୟୋଗୀ ତଥା ପୂର୍ବତନ ବ୍ୟାଙ୍କ ଅଧିକାରୀ, ମା' ବଲାଙ୍ଗୀର ସର୍କଲ ୱେସ୍କୋର ଡେପୁଟି ମ୍ୟାନେଜର ଭାବେ ଇଲେକ୍ଟ୍ରି ବିଭାଗରେ କାର୍ଯ୍ୟରତ । କିନ୍ତୁ ଯେଉଁ ବୟସରେ ଭେଙ୍କଟ ରମଣ ଖେଳକୁଦରେ ସମୟ କଟାଇବା କଥା ସେହି ସମୟରେ ସେ ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟରରେ କିଛି ନୂଆ କରିବାର ପ୍ରୟାସ କରିଥାନ୍ତି। ଏହା ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ ମାତ୍ର କଥାଟି ସତ। କମ୍ପ୍ୟୁଟର ଜରିଆରେ ସେ ନିଜସ୍ୱ ଉଦ୍ୟମରେ କିଛି ନୂଆ ସୃଷ୍ଟି ପାଇଁ ଗବେଷଣା କରିଥାନ୍ତି। ଏଥିପାଇଁ ତାଙ୍କର ଖେଳରେ କି ପଢ଼ାରେ ବି ସେମିତି କିଛି

→





ମା'ଙ୍କ ସହିତ ତତ୍‌ସତ୍ ସ୍ୱାଇଁ

ଅସୁବିଧା ଦେଖାଦେଇନି ବରଂ ସବୁଥିରେ ସେ ଆଗୁଆ ରୁହନ୍ତି। ପିଲାଟିର ଏଭଳି ପ୍ରତିଭା ପ୍ରତି ମା'ବାପା ତାଙ୍କୁ ଉତ୍ସାହିତ କରିବା ସହ ତା'ର ପ୍ରତିଭା ବିକାଶରେ ପ୍ରେରଣା ଦେଇଥାନ୍ତି। ଚଳିତ ବର୍ଷ ମାର୍ଚ୍ଚ ମାସ ଖରାଦିନ ଛୁଟିରେ କମ୍ପ୍ୟୁଟର ଭାଷା ପ୍ରତି ତାଙ୍କୁ ଉତ୍ସାହିତ କରିଥିଲେ ତାଙ୍କ ବାପା । ସେ କୁହନ୍ତି ତା'ର ଏ କ୍ଷେତ୍ର ପ୍ରତି ଖୁବ୍ ଆଗ୍ରହ ଥିଲା। ଅନ୍‌ଲାଇନରେ ବହୁ ସମୟଧରି ଖୋଜ ଖବର ବା ଗବେଷଣା କରିଥିଲେ । ତାଙ୍କ ବାପା କୁଳଦୀପଙ୍କଠାରୁ ସେ କମ୍ପ୍ୟୁଟର ଶିକ୍ଷା ପାଇଥିଲେ। ଭେଙ୍କଟ ଅନ୍‌ଲାଇନରେ ବହୁତ ଆନନ୍ଦରେ ଶିଖୁଥିଲେ। ଏଥିରେ ଭେଙ୍କଟଙ୍କୁ ତାଙ୍କ ମା'ବାପା ବି ସହଯୋଗ କରୁଥିଲେ । ତେବେ ଭେଙ୍କଟ ସ୍କୁଲ ଯିବା ଅପେକ୍ଷା ଅନ୍‌ଲାଇନରେ ପଢ଼ିବାକୁ ପସନ୍ଦ କଲେ। ଏଥିରେ ବି ସେ ପଢ଼ିବା ଆରମ୍ଭ କରିଛନ୍ତି। ଏଥିପାଇଁ ଭେଙ୍କଟଙ୍କ ନାମ କେମ୍ବ୍ରିଜ ବୋର୍ଡରେ ୨ଶ୍ରେଣୀ ହୋମ୍ ସ୍କୁଲରେ ଲେଖାହୋଇଛି। ଯେତେଦିନ ଯାଏ ସେ ସ୍କୁଲ ଯିବାକୁ ଇଚ୍ଛା ନ କରିବେ ସେ ପର୍ଯ୍ୟନ୍ତ ସେ ଅନ୍‌ଲାଇନରେ ପଢ଼ିବେ ବୋଲି ତାଙ୍କ ମା'ବାପା କହିଛନ୍ତି। ଏହି ଅନ୍‌ଲାଇନ ପଢ଼ାରେ ତାଙ୍କର ବେଶ୍ ଆଗ୍ରହ ରହିଛି। ବର୍ତ୍ତମାନ ସେ ଗୋଟିଏ ପରେ ଗୋଟିଏ ମୋବାଇଲ ଆପ୍ ତିଆରି କରିଚାଲିଛନ୍ତି। ଏଯାଏ ସେ ପ୍ରାୟ ୧୫୦ଟି ମୋବାଇଲ ଆପ୍ ଗଢିଛନ୍ତି। ଲେଟର୍ସ ଆପ୍ ଏବେ ଖୁବ୍ ଚର୍ଚ୍ଚାର ବିଷୟ ହୋଇଛି। ଏହି ଆପ୍ ଛୁଆମାନଙ୍କୁ ଭଲ ମଣିଷ ହେବା ପାଇଁ ମାର୍ଗ ଦର୍ଶନ କରିଥାଏ। କାରଣ ଏଥିରେ ବ୍ୟବହାରରେ ଭଲ ନୀତି ନିୟମ ପାଳନ କରୁଥିବା ପିଲାମାନଙ୍କୁ ପୁରସ୍କାର ଆକାରରେ ପଏଣ୍ଟ ମିଳିଥାଏ। ବର୍ତ୍ତମାନ ଭେଙ୍କଟ ଗୋଟିଏ କ୍ୱିଜ ଆପ୍ ମଧ୍ୟ ଗଢିବାରେ ବ୍ୟସ୍ତ । ଗୋଟିଏ ରୋବଟ ତିଆରି କରି ସାରିଛନ୍ତି। ଏଥିରେ ତାଙ୍କ ମାତାପିତା ମଧ୍ୟ ସହଯୋଗ କରିଥାନ୍ତି। ଭେଙ୍କଟ କୁହନ୍ତି ଏମିତି କମ୍ପ୍ୟୁଟରରେ ଆପ୍ କରିବା ମୋତେ ଖୁସି ଲାଗେ।

**ଚାଷୀ ତିଆରି କଲେ କୃଷି ଯନ୍ତ୍ର:** ଏକ ନିପଟ ଆଦିବାସୀ ଅଧୁଷିତ ଗାଁର ଜଣେ ଯୁବକ। ସେ ଇଞ୍ଜିନିୟରିଂ ପାଠ ପଢ଼ିନାହାନ୍ତି, ମାତ୍ର ନିଆରା କୃଷିଯନ୍ତ୍ର ତିଆରି କରିଛନ୍ତି । ଏହି ଯନ୍ତ୍ରକୁ ଚାଷ କାମରେ ଲଗାଇ ସେ ସଫଳ ହୋଇପାରିଥିବାରୁ ଅନ୍ୟଚାଷୀମାନେ ତାଙ୍କଠାରୁ ସେହି ଯନ୍ତ୍ରକୁ କିଣି ବେଶ୍ ଉପକୃତ ହୋଇପାରୁଛନ୍ତି। ସେ ହେଲେ ମାଧବ ବେହେରା । ପିତା ମାଙ୍କୁ ବେହେରା। ମା' ମାଳତି ବେହେରା। ଘର ଗଜପତି ଜିଲା ଆର.ଉଦୟଗିରି ବ୍ଲକ ସୁବଲଡ଼ା ଗ୍ରାମପଞ୍ଚାୟତର ଫୁକା ଗାଁରେ। ଏହି ଗାଁରେ ଥିବା ତାଙ୍କର ପ୍ରାୟ ୫ ଏକର ଚାଷଜମିରେ ଏକ ଫାର୍ମ କରି ସେଥିରୁ ଭଲ ରୋଜଗାର କରିପାରୁଛନ୍ତି। ଏହି ଗାଁର ଚାଷୀଙ୍କ ପାଇଁ ଆଧୁନିକ ପ୍ରଣାଳୀରେ ଚାଷ ସ୍ୱପ୍ନ ଥିଲା। ଏବେ ନିଜ ଫାର୍ମରେ ବିଭିନ୍ନ ପନିପରିବା ଚାଷ କରିବା ସହିତ ଏକ କୃଷିଯନ୍ତ୍ର ତିଆରି କରି ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚିତ ହୋଇଛନ୍ତି। ମାଧବ କୁହନ୍ତି, ସ୍ଥାନୀୟ ରାମଗିରି କଲେଜରୁ ଯୁକ୍ତ୨ ପାସ୍ ପରେ ଚାଷ ପ୍ରତି ମନ ବଳାଇଲି। ଅନେକ ଚିନ୍ତା କରି କୃଷିକ୍ଷେତ୍ର ପାଇଁ ୨୦୧୦ ମସିହାରୁ କେତେକ ଯନ୍ତ୍ର ବାହାର କରିଥିଲି। ଏହି ଯନ୍ତ୍ରକୁ ନିକଟସ୍ଥ କମାରଶାଳରେ ତିଆରି କରାଯାଇଥିଲା। ଗୋଟିଏ ଯନ୍ତ୍ର ତିଆରି ପାଇଁ ପ୍ରାୟ ଗୋଟିଏ ଦିନ ଲାଗିବ। ଏହାଦ୍ୱାରା ମାଟି ଖୋସା, ଘାସ ବାଛିବାଠାରୁ ଆରମ୍ଭ କରି ସାର ପକାଇବା ଯାଏ କାର୍ଯ୍ୟ ହୋଇପାରିଲା। ଏଥିଯୋଗୁ ଚାଷ କାମ ସହଜ ହେଉଛି। ଏଭଳି ଯନ୍ତ୍ରର କାର୍ଯ୍ୟକାରିତାକୁ ଦେଖି ଆଖପାଖର ଲୋକେ ଖୁବ୍ ପ୍ରଶଂସା କଲେ ଏବଂ ସେହି ଯନ୍ତ୍ରକୁ କିଣିବା ପାଇଁ ଆଗ୍ରହ ପ୍ରକାଶ କଲେ। ଫଳରେ ଏହି ଯନ୍ତ୍ର ବ୍ୟବସାୟ ବି ହୋଇପାରିଲା। ଏଥିଯୋଗୁ ଜଣେ ସଫଳ ଉଦ୍ୟୋଗୀ ହୋଇପାରିଲି। ନିଜ ନାଁ ମାଧବ ବେହେରାରୁ ଏମ.ବି. ଅଲ୍‌ରାଉଣ୍ଡର ନାମରେ ଯନ୍ତ୍ରପାତି ତିଆରି କରି ୫ହଜାର ଟଙ୍କାରେ ବିକ୍ରି ହୋଇପାରୁଛି। ଏଯାଏ ୩୦ଟି ଯନ୍ତ୍ର ବିକ୍ରି ହୋଇଛି । କେତେକ ବ୍ୟକ୍ତି ଏହି କୃଷିଯନ୍ତ୍ର ନେବାକୁ ଅଗ୍ରିମ ବରାଦ ଦେଇଛନ୍ତି । ଜଣେ ସାଧାରଣ ଯୁବଚାଷୀ ଭାବେ ନିଜର ଭିନ୍ନ ପରିଚୟ ସୃଷ୍ଟି କରିପାରିଛି।

**ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର ତିଆରିକଲେ ଯୁବକ:** ତାଙ୍କ ମା'ଙ୍କ ଦେହ ଅସୁସ୍ଥ ଥିଲା ମାତ୍ର ଔଷଧଭାବେ ଆବଶ୍ୟକ ପଡୁଥିଲା କଡ଼କନାଥ କୁକୁଡ଼ା ଅଣ୍ଡାଟିଏ । ଏଥିପାଇଁ ସେ ଅନେକ ସ୍ଥାନ ଘୂରିବୁଲିଛନ୍ତି । କିନ୍ତୁ ଯେବେ ତାଙ୍କୁ ମିଳିଗଲା ସେହି ପ୍ରଜାତିର କୁକୁଡ଼ା ଅଣ୍ଡାଟିଏ ତେବେ ସେ ତାକୁ ନେଇ ଦେଖିଲେ ନିଆରା ସ୍ୱପ୍ନ । ତା' ପରେ ସେ ତିଆରିକରିଥିବା ଯନ୍ତ୍ରରେ ଅଣ୍ଡାରୁ ଚିଆଁ ଫୁଟାଇବାରେ ସଫଳହେଲେ । ଏବେ ଏହା ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି। ସେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତ ଚଣ୍ଡିଆପଲ୍ଲୀ ଗାଁର ରାକେଶ କୁମାର ସ୍ୱାଇଁ ଓରଫ ପପୁ । ପିତା ପ୍ରମୋଦ ସ୍ୱାଇଁ, ମା' ପ୍ରତିମା ସ୍ୱାଇଁ। ରାକେଶ ଦଶମଶ୍ରେଣୀ ଯାଏ ପଢ଼ିଛନ୍ତି। ରାକେଶ କୁହନ୍ତି, ବୋଉର ଡାଇବେଟିସ୍ ରୋଗ କମାଇବା ପାଇଁ ଦରକାର ପଡୁଥିଲା ଝାଡ଼ଖଣ୍ଡ କୁକୁଡ଼ା କଡକନାଥର ଅଣ୍ଡା । ଏଥିପାଇଁ ବହୁ ଖୋଜାଖୋଜି କରିବାକୁ ପଡ଼ିଥିଲା। ପରେ ଏହି ବିରଳ ପ୍ରଜାତିର କୁକୁଡ଼ା ଅଣ୍ଡା ସଂଗ୍ରହ ପାଇଁ ରାସ୍ତାରେ ଗଲାବେଳେ ଶରଧାପୁରର ମୁନା ଭାଇଙ୍କ ଗ୍ୟାରେଜଠାରେ ଏହି ପ୍ରଜାତିର କୁକୁଡା ଦେଖିବାକୁ ପାଇଥିଲି । ବହୁ କଷ୍ଟରେ ଏଠାରୁ ଗୋଟିଏ ଅଣ୍ଡା ସଂଗ୍ରହ କରିଥିଲି। କିନ୍ତୁ ଏହି ଗୋଟିଏ ଅଣ୍ଡା ମିଳିବାପରେ ଏହାକୁ ବୋଉଙ୍କୁ ଖାଇବାକୁ ଦେବି ନା ଏଥିରୁ ଚିଆଁ ଫୁଟାଇ ଏହି ବିରଳ ପ୍ରଜାତି କୁକୁଡା ବଂଶ ବଢ଼ାଇ ପାରିବି ସେହି ଚିନ୍ତା ଘାରିଥିଲା। ଶେଷରେ ଦୃଢ ନିଷ୍ପତ୍ତି ନେଇ ଏକ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର ନିର୍ମାଣ କରିଥିଲି। ସେଥିରେ ଅଣ୍ଡାରୁ ଚିଆଁ ଫୁଟାଇ କୁକୁଡ଼ା ବଂଶ ବଢ଼ାଇବାରେ ସକ୍ଷମ ହୋଇପାରିଛି। ତେବେ ବଜାରରୁ କିଛି ସରଞ୍ଜାମ ଯୋଗାଡ଼ କରି ଦେଶୀୟ କୌଶଳରେ ଏହି ଯନ୍ତ୍ର ତିଆରି କରିଛି। ଏହି ଯନ୍ତ୍ରରେ ୧୨ଭୋଲ୍‌ଟର ଡିସିଫ୍ୟାନ, ତାପମାତ୍ରା ମେଶିନ୍, ତାପମାତ୍ରା କଣ୍ଟ୍ରୋଲ ପାଇଁ ରିଲେ ମେଶିନ, ଅଧାଲିଟର ପାଣିପାତ୍ର। ୨୦ ଦିନଧରି ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ରରେ ଅଣ୍ଡା ରହିବା ପରେ ଚିଆଁ ଜନ୍ମ ହୋଇଛି । ପ୍ରଥମେ ଏହି ଯନ୍ତ୍ରରେ ଅଣ୍ଡାରୁ ଚିଆଁ ବାହାରିବା ପରେ ଖୁସି ହୋଇପଡ଼ିଥିଲି। ୨ୟ ପର୍ଯ୍ୟାୟରେ ଏହି ମେଶିନରୁ ୧୬ଟି କୁକୁଡା ଚିଆଁ ବାହାରିଛନ୍ତି । ତେବେ ସେ ଯନ୍ତ୍ରରେ ୨୦ଟି ଅଣ୍ଡା ରଖିଥିଲେ । ପ୍ରଥମ ଚିଆଁଟି ୫୦ ଦିନର ହୋଇସାରିଲାଣି । ଅନ୍ୟ ଚିଆଁଗୁଡିକ ୨୦ ଦିନର । ଏବେ ପୁଣି ୪୦ଟି ଅଣ୍ଡାକୁ ଯନ୍ତ୍ରରେ ରଖାଯାଇଛି । ଅଣ୍ଡାରୁ ଚିଆଁ ଫୁଟିବା ପାଇଁ ୨୦ ଦିନ ଲାଗୁଛି । ଏହି ଯନ୍ତ୍ରରେ ବିରଳ ପ୍ରଜାତିର କୁକୁଡା ଚିଆଁ ଜନ୍ମ ଦେବାରେ ଉଦ୍ୟମ ସଫଳ ହୋଇଛି । ଏବେ ତାଙ୍କ ଘରେ ଝାଡ଼ଖଣ୍ଡର କଡକନାଥ, ଆନ୍ଧ୍ର ଦେଶୀ ହାଜରା ଓ ପ୍ୟାରେଡନୋକ୍ ପରି କୁକୁଡା ଦେଖିବାକୁ ମିଳୁଛି । ତେବେ ପ୍ରଥମ ଅଣ୍ଡାରୁ ଛୁଆଫୁଟା ଯନ୍ତ୍ରରେ ୮୦୦ ଟଙ୍କା ଓ ୨ୟରେ ୩ ହଜାର ୫୦୦ ଟଙ୍କା ଖର୍ଚ୍ଚ ହୋଇଛି । ପୁଣି ନୂଆ ଜ୍ଞାନକୌଶଳରେ ଏକ ନୂଆ ଯନ୍ତ୍ର ତିଆରି ଚାଲିଛି । ତେବେ ସରକାରୀ ପ୍ରୋତ୍ସାହନ ମିଳିଲେ ସ୍ୱଳ୍ପ ଖର୍ଚ୍ଚରେ ଏହି ଯନ୍ତ୍ର ନିର୍ମାଣ ହୋଇପାରିବ ବୋଲି ସେ କହିଛନ୍ତି।

**-ବନବିହାରୀ ବେହେରା**

**ମନୋଜ ବାରିକ, ବୃନ୍ଦାବନ ଗୌଡ଼, ଲୋକନାଥ ମିଶ୍ର**




ମାଧବ ବେହେରା



ମା' ବାପାଙ୍କ ସହ ଭେଙ୍କଟ ରମଣ ପଟ୍ଟନାୟକ



# ଶରୀରର କେଉଁଠି କରିବେ ଟାଟୁ







**ଆଜିର ଏହି ଅଲଟ୍ରା ମଡର୍ନ ଦୁନିଆରେ ଟାଟୁର କ୍ରେଜ୍ ବି କିଛି କମ୍ ନୁହେଁ। କିଛି ଲୋକ ରେକର୍ଡ ନିଶାରେ ଶରୀରରେ ଟାଟୁ କରାଇଥାନ୍ତି ତ ଆଉ କିଛି ଲୋକ ଫ୍ୟାଶନେବଲ୍ ଲୁକ୍ ପାଇଁ ଏହାକୁ ଟ୍ରାଏ କରିଥାନ୍ତି। ତେବେ ଶରୀରର କେଉଁ କେଉଁ ସ୍ଥାନରେ ଟାଟୁ କଲେ ଏହା ଆକର୍ଷଣୀୟ ଲାଗେ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**


**ବେକର ପଛପଟେ:** ଆଜିକାଲି ବେକର ପଛପଟେ ଟାଟୁ କରିବାକୁ ମହିଳାମାନେ ଖୁବ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଆପଣ ବି ଚାହିଁଲେ ନିଜ ପସନ୍ଦ ମୁତାବକ ଯେ କୌଣସି ଟାଟୁ ଡିଜାଇନ୍‌କୁ ଏଠାରେ କରିପାରିବେ। ହେଲେ ଏଠାରେ ଟାଟୁ କରିବା ଏତେ ସହଜ କଥା ନୁହେଁ। ଏଥିପାଇଁ ବହୁତ କଷ୍ଟ ସହିବାକୁ ହୋଇଥାଏ। ତା'ସହିତ ଏହି ସ୍ଥାନରେ ଟାଟୁ କଲେ ଯେମିତି ଇନ୍‌ଫେକ୍‌ଶନ୍ ନ ହେବ ସେଥିପାଇଁ ବି ସ୍ପେଶାଲ୍ କେୟାର୍ ନେବାକୁ ପଡିଥାଏ।

**କଟଟିରେ:** ଏହି ସ୍ଥାନରେ ଟାଟୁ କରିବାକୁ ଖୁବ୍ କମ୍ ସମୟ ଲାଗିବା ସହ କଷ୍ଟ ବି ଟିକେ କମ୍ ହୋଇଥାଏ। ତା'ଛଡ଼ା ବଡ଼ ସାଇଜ୍‌ର ଟାଟୁ ତୁଳନାରେ ଛୋଟ ସାଇଜ୍‌ର ଟାଟୁ ହିଁ ଏ ସ୍ଥାନକୁ ଭଲ ମାନିଥାଏ। ଯଦ୍ବାରା ଆବଶ୍ୟକ ପଡିଲେ ଘଣ୍ଟା କିମ୍ବା ବ୍ରେସ୍‌ଲେଟ୍ ପିନ୍ଧି ଏହାକୁ ଆରାମରେ ଲୁଚାଇ ହୁଏ। ହେଲେ ଧ୍ୟାନ ରଖିବେ, ଟାଟୁର ଦରଜ ସମ୍ପୂର୍ଣ୍ଣ ନ କମିଲା ପର୍ଯ୍ୟନ୍ତ କଟଟିରେ ନା ଘଣ୍ଟା ପିନ୍ଧିବେ ନା କୌଣସି ଜୁଏଲେରି ପିନ୍ଧିବେ। ନଚେତ୍ ଇନ୍‌ଫେକ୍‌ଶନ୍ ହେବାର ସମ୍ଭାବନା ଥାଏ।

**ଆଙ୍ଗୁଠିରେ:** ଆଙ୍ଗୁଠିରେ ସାଧାରଣତଃ ଛୋଟ ଛୋଟ ସାଇଜ୍‌ର ଟାଟୁ କଲେ ଷ୍ଟାଇଲିଶ୍ ଲାଗିଥାଏ। ଆଜିକାଲି ତ ଦେଖିବାକୁ ମିଳୁଛି ଯୁବତୀମାନେ ଛୋଟ ଛୋଟ ଫୁଲ, ସୂର୍ଯ୍ୟ କିମ୍ବା ସ୍ୱସ୍ତିକ ଚିହ୍ନ ଅବା ଓମ୍‌ର ଟାଟୁ କରି ଆଙ୍ଗୁଠିଗୁଡ଼ିକୁ ଆକର୍ଷଣୀୟ ଲୁକ୍ ଦେଇପାରୁଛନ୍ତି। ଆପଣ ବି ଚାହିଁଲେ ଏହି ଷ୍ଟାଇଲ୍‌କୁ ଅନୁକରଣ କରିପାରିବେ।

**ଗୋଇଠିରେ:** ଗୋଇଠି ଉପରେ ଟାଟୁ କରିବା ଆଜିକାଲି ଯେମିତି ଗୋଟେ ଟ୍ରେଣ୍ଡ ପାଲଟି ଗଲାଣି। ଫ୍ୟାଶନ ପାଇଁ ଯୁବପିଢ଼ିମାନେ ଲତା କିମ୍ବା ଫୁଲ ଷ୍ଟାଇଲ୍‌ର ଛୋଟ ଛୋଟ ଟାଟୁ ଏହି ସ୍ଥାନରେ କରୁଛନ୍ତି। ଆପଣ ବି ଚାହିଁଲେ ଏଭଳି ଟାଟୁ ଗୋଇଠିରେ କରି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। ଆଉ ଆବଶ୍ୟକ ପଡିଲେ ଆଙ୍କଲ୍ ଲେନ୍ଥ ବୁଟ୍ ପିନ୍ଧି ଏହାକୁ ଲୁଚାଇ ବି ପାରିବେ।

**କାନର ପଛ ଭାଗରେ:** କାନର ପଛ ଭାଗରେ ଟାଟୁ କରିବା ବି ଏବେ ଏକ ଲାଟେଷ୍ଟ ଫ୍ୟାଶନ କହିଲେ ଚଳେ। ଯେହେତୁ ଏ ସ୍ଥାନଟି ଚୁଟି ପାଖରେ ରହିଥାଏ, ତେଣୁ ସବୁବେଳେ ଏହି ଟାଟୁ ବାହାରକୁ ଦେଖାଯାଏ ନାହିଁ। ତଥାପି ବି ଏହା ସୁନ୍ଦର ଲାଗିଥାଏ। ଆପଣ ଚାହିଁଲେ ଏହି ଟାଟୁକୁ କାନର ପଛ ଭାଗରୁ ଆରମ୍ଭ କରି ବେକ ପର୍ଯ୍ୟନ୍ତ ମଧ୍ୟ କରିପାରିବେ। ହେଲେ ଏ ସ୍ଥାନରେ ଟାଟୁ କଲାବେଳେ ଖୁବ୍ କଷ୍ଟ ସହିବାକୁ ପଡିଥାଏ।





**କାନ ଉପରେ:** ଯଦି ଆପଣଙ୍କୁ କ୍ୟୁଟ୍ ତଥା ଛୋଟ ସାଇଜ୍‌ର ଟାଟୁ କରିବା ପସନ୍ଦ, ତା'ହେଲେ କାନର ଉପରି ଭାଗରେ ଏହାକୁ ଟ୍ରାଏ କରନ୍ତୁ, ଟିକେ ଡିଫରେଣ୍ଟ ଲୁକ୍ ମିଳିବ। ହେଲେ ଏଥିପାଇଁ ବି ଟିକେ କଷ୍ଟ ସହିବାକୁ ପଡିବ।

**କାନ୍ଧ ଉପରେ:** ଆପଣ ଆପଣଙ୍କର ବ୍ୟକ୍ତିତ୍ୱକୁ ସୁହାଇଲା ଭଳି କୌଣସି ଛବି କିମ୍ବା ଅକ୍ଷରକୁ ଟାଟୁ ମାଧ୍ୟମରେ ନିଜ କାନ୍ଧ ଉପରେ କରି ଡିଫରେଣ୍ଟ ଲୁକ୍ ବି ପାଇପାରିବେ।


ଶେଷରେ କେବଳ ଏତିକି କୁହାଯାଇପାରେ, ଟାଟୁକୁ ଶରୀରର ଯେ କୌଣସି ସ୍ଥାନରେ କରନ୍ତୁ ନା କାହିଁକି ଏହା କଷ୍ଟଦାୟକ ତ ନିଶ୍ଚିତ ଭାବେ ହୋଇଥାଏ। ହେଲେ ଆପଣ ଏହାକୁ କେଉଁ ସ୍ଥାନରେ ଓ କିଭଳି କରିବେ ତାହା ଆପଣଙ୍କ ପସନ୍ଦ ଏବଂ କଷ୍ଟ ସହିବାର କ୍ଷମତା ଉପରେ ହିଁ ନିର୍ଭର କରିଥାଏ।







# ଭୀଷ୍ମ ସାହାଣୀ






ଭୀଷ୍ମ ସାହାଣୀ ଏକାଧାରରେ ଥିଲେ ଜଣେ ନାଟ୍ୟକାର, ଔପନ୍ୟାସିକ, ଅଭିନେତା ଏବଂ ଟେଲିଭିଜନ ପର୍ସନାଲିଟି। ବିଶେଷକରି ସେ ତାଙ୍କର ନାଟକ ଏବଂ ଉପନ୍ୟାସ ଆଦି ପାଇଁ ସାରା ଭାରତରେ ଥିଲେ ସୁଖ୍ୟାତ। ତାଙ୍କର ଏକ ଅତି ଲୋକପ୍ରିୟ ଉପନ୍ୟାସ ହେଉଛି 'ତାମସ'। ଭାରତ ବିଭାଜନକୁ ପୃଷ୍ଠ ଭୂମିରେ ରଖି ସେ ଏହି ଉପନ୍ୟାସ ରଚନା କରିଥିଲେ। ଉପନ୍ୟାସଟି ସର୍ବାଧିକ ପାଠକୀୟତା ଲାଭ କରିଥିଲା। ସେତିକି ନୁହେଁ, ଏହାର ଟେଲିଭିଜନ ସ୍କ୍ରିନପ୍ଲେ ମଧ୍ୟ ସେ ରଚନା କରିଥିଲେ। ଏହା ଟେଲିଭିଜନରେ ପ୍ରସାରିତ ହୋଇ ତାଙ୍କୁ ଆଶାନୁରୂପ ସଫଳତା ଆଣି ଦେଇଥିଲା। ୧୯୯୮ରେ ତାଙ୍କୁ ପଦ୍ମଭୂଷଣ ଉପାଧି ପ୍ରଦାନ କରାଯାଇଥିଲା। ସେହିଭଳି ୨୦୦୨ରେ ସେ ସାହିତ୍ୟ ଏକାଡେମୀର ଫେଲୋଶିପ୍ ହାସଲ କରିଥିଲେ। ତାଙ୍କର ଜନ୍ମ ଏକ କଳାକାର ବଂଶରେ। ତାଙ୍କର ବଡ଼ଭାଇ ହେଉଛନ୍ତି ହିନ୍ଦୀ ଫିଲ୍ମର ଜଣେ ଜଣାଶୁଣା ଅଭିନେତା ବଲରାଜ ସାହାଣୀ। ବାବୁ ହରିବଂଶଲ ସାହାଣୀ ଥିଲେ ତାଙ୍କର ବାପା।

**ସ୍ୱାଧୀନତା ଓ ବିଭାଜନ :** ଭାରତର ସ୍ୱାଧୀନତା ତଥା ଦେଶ ବିଭାଜନର ଜଣେ ପ୍ରତ୍ୟକ୍ଷ ସାକ୍ଷୀ ଥିଲେ ଭୀଷ୍ମ ସାହାଣୀ। ୧୯୧୫ ଅଗଷ୍ଟ ୮ ତାରିଖରେ ରାଓ୍ୱଲପିଣ୍ଡିଠାରେ ଜନ୍ମ ହୋଇଥିଲେ ଭୀଷ୍ମ। ସେ ଜଣେ ବିଚକ୍ଷଣ ପ୍ରତିଭା ସମ୍ପନ୍ନ ଛାତ୍ର ଥିଲେ। ଇଂଲିଶ ଭାଷା ସାହିତ୍ୟରେ ସେ ଲାହୋର ସରକାରୀ ମହାବିଦ୍ୟାଳୟରୁ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ସେହିଭଳି ସେ ୧୯୫୮ ମସିହାରେ ପିଏଚ୍.ଡି. ହାସଲ କରିଥିଲେ। ଭାରତର ମୁକ୍ତି ସଂଗ୍ରାମରେ ଯୋଗ ଦେଇ ସେ ବ୍ରିଟିଶ୍ ବିରୋଧରେ ଲଢ଼େଇ କରିଥିଲେ। ଭାରତ ବିଭାଜନ ସମୟରେ ଇଣ୍ଡିଆନ୍ ନ୍ୟାଶନାଲ କଂଗ୍ରେସର ସେ ଥିଲେ ଜଣେ ସକ୍ରିୟ ସଦସ୍ୟ। ଦେଶ ବିଭାଜନ ପରେ ଦଙ୍ଗା ଆରମ୍ଭ ହୋଇଗଲା। ବହୁ ଲୋକ ଶରଣାର୍ଥୀ ହୋଇ ଜୀବନ ଯାପନ କରିଥିଲେ। ସେହି ସମୟରେ ଅର୍ଥାତ୍ ୧୯୪୭ ମାର୍ଚ୍ଚ ମାସରେ ସେ ରାଓ୍ୱଲ୍‌ପିଣ୍ଡି ଠାରେ ଦଙ୍ଗା ପୀଡ଼ିତ ଶରଣାର୍ଥୀଙ୍କ ନିମନ୍ତେ ରିଲିଫ୍ କ୍ୟାମ୍ପ୍ର ମଧ୍ୟ ଆୟୋଜନ କରିଥିଲେ।


**କଂଗ୍ରେସ ଛାଡ଼ି କମ୍ୟୁନିଷ୍ଟ :** ୧୯୪୮ ମସିହାରେ ଭୀଷ୍ମ ସାହାଣୀ ଇଣ୍ଡିଆନ୍ ପିପୁଲ୍ସ ଥିଏଟର ଆସୋସିଏଶନ୍ (ଇପଟା)ରେ କାମ କଲେ। ଏ ସଂସ୍ଥାରେ ତାଙ୍କର ବଡ଼ଭାଇ ତଥା ଅଭିନେତା ବଲରାଜ ସାହାଣୀ ମଧ୍ୟ ଆଗରୁ କାମ କରୁଥିଲେ। ବଲରାଜ ସେଠାରେ କେବଳ ଅଭିନେତା ଭାବରେ କାମ କରୁଥିବା ବେଳେ ଭୀଷ୍ମ ସାହାଣୀ ସେଠାରେ ଜଣେ ଅଭିନେତା ତଥା ନିର୍ଦ୍ଦେଶକ ଭାବରେ ଯୋଗଦେଲେ। ଇପଟାରେ ଯୋଗଦେବା ଯୋଗୁ ସେ କଂଗ୍ରେସ ପାଇଁ ସମୟ ଦେଇପାରିଲେ ନାହିଁ। ଫଳରେ କଂଗ୍ରେସକୁ ତାଙ୍କୁ ଛାଡ଼ିବାକୁ ହେଲା। କଂଗ୍ରେସକୁ ସିନା ଛାଡ଼ିଲେ। ହେଲେ ରାଜନୀତି ଛାଡ଼ି ପାରିଲେ ନାହିଁ। କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଲେ।

**କ୍ୟାରିୟର:** କ୍ୟାରିୟର କରିବା ପାଇଁ ତାଙ୍କୁ ବମ୍ବେ (ବର୍ତ୍ତମାନର ମୁମ୍ବାଇ) ଛାଡ଼ି ପଞ୍ଜାବ ଯିବାକୁ ପଡ଼ିଲା। ସେ ପ୍ରଥମେ ଅମୃତସରର ଅମ୍ବାଲା ଏବଂ ପରେ ଖାଲସା କଲେଜରେ ଜଣେ ଅଧ୍ୟାପକ ଭାବରେ ଯୋଗଦେଲେ। ସେଠାରୁ ସେ ଗଲେ ଦିଲ୍ଲୀ। ଦିଲ୍ଲୀର ଜାକିର ହୁସେନ୍ କଲେଜରେ ସେ ଇଂଲିଶର ଅଧ୍ୟାପକ ଭାବରେ କାର୍ଯ୍ୟକଲେ। ୧୯୫୬ରୁ ୧୯୬୩ ଯାଏ ସେ ଜଣେ ଟ୍ରାନ୍ସଲେଟର ଭାବରେ କାର୍ଯ୍ୟକଲେ। ସେଥିଲାଗି ତାଙ୍କୁ ମସ୍କୋ ଯିବାକୁ ପଡ଼ିଲା। ସେହି ସମୟ ମଧ୍ୟରେ ସେ ଲିଓ ଟଲଷ୍ଟୟଙ୍କ ଗପସବୁକୁ ହିନ୍ଦୀରେ ଅନୁବାଦ କଲେ ଏବଂ ତାଙ୍କର ଉପନ୍ୟାସ ରିସରେକଶନ୍‌କୁ ମଧ୍ୟ ସେ ହିନ୍ଦୀରେ ଅନୁବାଦ କରିଥିଲେ। ତେବେ ଏହା ତାଙ୍କ ମନ ପସନ୍ଦର କାମ ନ ଥିଲା। ସେ ପୁଣିଥରେ ଦିଲ୍ଲୀ ଚାଲିଆସିଲେ ଓ ତାଙ୍କର ଅଧ୍ୟାପନା ବୃତ୍ତିରେ ଯୋଗଦେଲେ।

**ସାହାଣୀଙ୍କ ସାହିତ୍ୟ :** ଭୀଷ୍ମ ସାହାଣୀଙ୍କ ସାହିତ୍ୟ ବହୁଭାବରେ ସମୃଦ୍ଧ। ତେବେ ବିଭାଜନ ଓ ତା'ର ଧ୍ୱଂସ ତାଣ୍ଡବ ତାଙ୍କ ସାହିତ୍ୟକୁ ଅତ୍ୟଧିକ ପ୍ରଭାବିତ କରିଥିବା ଦେଖିବାକୁ ମିଳେ। ତାହାର ଏକ ଉଦାହରଣ ହେଉଛି ଉପନ୍ୟାସ 'ତାମସ'। ବିଭାଜନକୁ ନେଇ କିଭଳି ରାଜନୀତି କରାଯାଇଥିଲା ଆଉ ସେଥିରେ କିପରି ସାଧାରଣ ଲୋକେ ବଳି ପଡ଼ିଥିଲେ ତାହାର ଏକ ମାର୍ମିକ ଚିତ୍ର ସେ ପ୍ରଦାନ କରିଥିଲେ ଉପନ୍ୟାସ 'ତାମସ'ରେ। ଉପନ୍ୟାସଟି ଇଂଲିଶ ସମେତ ଫ୍ରେଞ୍ଚ, ଜର୍ମାନ ଆଦି ବହୁ ବୈଦେଶିକ ଭାଷା ତଥା ଅନେକ ଆଞ୍ଚଳିକ ଭାଷାରେ ମଧ୍ୟ ଅନୁଦିତ ହୋଇ ତାଙ୍କୁ ସଫଳତା ଆଣିଦେଇଥିଲା।

୨୦୦୩ ଜୁଲାଇ ୧୧ ତାରିଖରେ ଏହି ଯୋଗଜନ୍ମା ବ୍ୟକ୍ତିତ୍ୱଙ୍କର ଦେହାନ୍ତ ଘଟିଥିଲା।





## ମା

–ଶଙ୍ଖସିନ୍ଧୁ ପୁରୋହିତ

ଦଶ ମାସ ଗର୍ଭରେ ଧରିଲେ ଯଦି ମା,
ତେବେ  ସରୋଗେଟ ମଦର କ'ଣ ? ?
ଯଶୋଦା ଯେ କୃଷ୍ଣଙ୍କର ମା ନୁହଁ,
ଦେଇପାରିବ କି ପ୍ରମାଣ ? ?

## ରକ୍ତ

ମା'ର ହୃଦୟ ଫାଟି ଯାଏ
କଣ୍ଟାଟିଏ ଗଳିଲେ
ଆପଣାର ପୁଅର ପାଦରେ ।
ହେଲେ
ସେହି ମା'କୁ ଭିଜାଉଛ
ତା'ର ସନ୍ତାନର ରକ୍ତରେ,
ନୃଶଂସତାରେ , ନା–
ପରମ୍ପରାର ନାଁରେ ।

–ବଡାଲି, ଉଲୁଣ୍ଡା, ସୁବର୍ଣ୍ଣପୁର

## ନିରୁଦ୍ଦିଷ୍ଟ

–ପ୍ରଶାନ୍ତ କୁମାର ଦାଶ

ତୋ ଆଖି ପର୍ଯ୍ୟନ୍ତ ପହଞ୍ଚିବାକୁ
ଏମିତି ଏକ ଅଦୃଶ୍ୟ ରାସ୍ତା ଅଛି
ଯା' ରହସ୍ୟ କେବଳ ମୋତେ ଜଣା ।।
ତୋ ଆଖି ଗୋଟେ ଅଦ୍ଭୁତ ପକ୍ଷୀ
ଯିଏ ବିନା ଶବ୍ଦରେ, ନୀରବରେ
ଜୀବନର ଗୀତ ଗାଇପାରେ
ଯୋଉ ଗୀତର ପ୍ରତିଟି ପଦ
ଛାତିକୁ ଛୁଇଁ ରକ୍ତରେ ମିଶିଯାଏ ।।
ତୋ ଆଖିକୁ ନିଷ୍ପାପ ସ୍ୱପ୍ନ କରି
ନିଘୋଡ ନିଦରେ ଶୋଇଯାଇ ହୁଏ
ତୋ ଆଖିକୁ କାନଭାସ୍ କରି
ପୃଥିବୀର ଶ୍ରେଷ୍ଠ ଆଶ୍ଚର୍ଯ୍ୟମାନଙ୍କୁ
ଚିତ୍ରକରି ଆଙ୍କିହୁଏ ବି ।।
ତୋ ଆଖି ଭିତରେ ମୋ ଦି' ଆଖିକୁ
ନିରୁଦ୍ଦିଷ୍ଟ ଘୋଷଣା କରିସାରିଲା ପରେ
ସମଗ୍ର ପୃଥିବୀଟା
ତୋ ଆଖି ପରି ଦିଶୁଛି ।।

–ରେଗଡା, ଏମ୍. ରାମପୁର, କଳାହାଣ୍ଡି

ତିନିଟି ଅଣୁଗଳ୍ପ

## ଜୀବନ...

–ଚାରୁ ଚନ୍ଦନ ଦାଶ

୧) ରାତି ପାଖାପାଖି ସାଢେ ୧୧ଟା । ଆରେ ଲୁଡୋ ଆଣରେ ଖେଳିବା, ରାମ କହିଲା । ରୁହ ବେ ଆଗେ ପେଗ୍‌ଟା ମାରିବା ତା'ପରେ ଖେଳିବା, ମୁନା କହିଲା । ପେଗ୍ ଢଳା ଗଲା । ଘଡ଼ ଘଡ଼ କରି ସବୁ ଶୋଷିଦେଲେ ।  ତା'ପରେ ଆରମ୍ଭ ହେଲା ଲୁଡୋ ଖେଳ । ୨, ୪, ୫, ୬ ଏମିତି ପଶା ପଡି ଚାଲିଲା । କିଛି ସମୟ ଖେଳିବା ପରେ ସମସ୍ତେ ଖେଳ ବନ୍ଦ କଲେ । ପୁଣି ପେଗ୍ ଢଳାଗଲା, ଏଥର ଟିକେ ହାର୍ଡ ପେଗ୍ । ସମସ୍ତେ ମାତାଲ ହେଇ ସାରିଥାନ୍ତି  । ପଛରେ ସ୍ଲୋ ମ୍ୟୁଜିକ ବାଜୁଥାଏ । ଏମିତି ଅଧଘଣ୍ଟା ପରେ ଗୋଟିଏ ରୁମ୍ ଭିତରେ ସମସ୍ତେ, କିନ୍ତୁ କେହି କାହାସଙ୍ଗରେ କଥା ହେଉନାହାନ୍ତି । କାରଣ ସମସ୍ତେ ମୋବାଇଲରେ ବ୍ୟସ୍ତ ଥିଲେ । ସକାଳୁ ଅଫିସ, କଲେଜ ଆଉ ସନ୍ଧ୍ୟାରେ ଆସର । ଏମିତି କଟୁଥାଏ ସେମାନଙ୍କ ଜୀବନ ।

୨) ୧୩ ମହଲା ଛାତ ଉପରେ ବାଲକୋନିରେ ବସିଥାଏ ମିକୁ । ଜହ୍ନ ଆଲୁଅରେ ବସି ସିଗାରେଟ୍ ଟାଣୁଥାଏ । ଏଇ ତ ଅଧଘଣ୍ଟା ପୂର୍ବରୁ ଅଫିସରୁ ଆସିଛି । ରୀତା ପାଖକୁ ଆସିଲା, ହାତରୁ ସିଗାରେଟ୍ ଟା ନେଇ ନିଜେ ଦିଟା ପପ୍ ନେଲା ।  ଡିନର୍ କରିବାକୁ ଯିବା ପରା । କାଲି ଗଲେ ହେବନି, ମିକୁ କହିଲା । ନା..ନା କାଲି ମୋର ପାର୍ଲର ଯିବାର ଅଛି, ଆଜି ଯିବା । ସେମିତିରେ ବି ୨ ଦିନ ହେଲା ଇନ୍‌ସ୍ଟାରେ ଷ୍ଟୋରୀ ଦେଇନି । ଆଜି ବହୁତ ଟାୟାର୍ଡ ଲାଗୁଛି ବାବା କାଲି ଯିବା । ଏତିକିରେ ରୀତାର ମୁହଁ ରାଗି ଲାଲ୍ । ବାଧ ହେଇ ଶେଷରେ ମିକୁ କହିଲା, ମୁଁ ବାହାରେ ଗାଡ଼ିରେ ଅଛି ରେଡି ହେଇକି ଆସ ।

୩) ପଛରେ ବାଜୁଥିଲା କିଶୋର ଦା' କଲେକ୍ସନ । ସତୁରି ଦଶକର ବଛା ବଛା ଗୀତ । ମଝିରେ ମଝିରେ ଗୁଣୁଗୁଣେଇ ହେଉଥାଏ ରାଜେଶ । ଆଜି ସେ ବହେ ପି'କି ଆଇଛି । ପୁରୁଣା ଡାଏରୀଟା ଖୋଲିଲା । ଝଡ଼ି ସଢ଼ି ଯାଇଥିବା ଗୋଲାପଟି କାଢିଲା । ତା'ପରେ ବାକ୍ସ ଭିତରେ ଜାକିଜୁକି ହେଇ ପଡ଼ି ରହିଥିବା ସାତବର୍ଷର ଏକ ପୁରୁଣା ଫୋଟୋ କାଢିଲା । ଆଖିରୁ ଝରି ପଡୁଥାଏ ସ୍ମୃତିର କେଇ ଟୋପା ଲୁହ । କାରଣ ସେଦିନ ଥିଲା ରିମିର ବାର୍ଥ ଡେ' ।

–ବୀରମହାରାଜପୁର, ସୁବର୍ଣ୍ଣପୁର

## ନାରୀ ମୁଁ

–ଅସୀମା ସାହୁ

ବିଶ୍ୱାସର ବହ୍ନି ମୁଁ
ଜ୍ୟୋତି ମୁଁ...ମୁଁ ହିଁ ଆଲୋକ
ଅନନ୍ୟ ମୁଁ

ବିନ୍ଦୁରେ ଗଢିପାରେ ସିନ୍ଧୁ
ନିତ୍ୟ ମୁଁ...ମୁଁ ହିଁ ପରିଚୟ
ଆନନ୍ଦ ମୁଁ...

ପାଉଁଶ ଭିତରର ସୁବର୍ଣ୍ଣ
ସତ୍ୟ ମୁଁ...ମୁଁ ହିଁ ଅନନ୍ତ
ବ୍ରହ୍ମ ମୁଁ...

ମମତାର ମୃଣ୍ମୟୀ ମୁଁ
ଜନନୀ ମୁଁ...ମୁଁ ହିଁ ଜାୟା
ଭଗିନୀ ମୁଁ...

ନାରାୟଣୀ ନିଷ୍ଠାରେ ମୁଁ
ପ୍ରେମ ମୁଁ...ମୁଁ ହିଁ ପରିପୂର୍ଣ୍ଣ
ନାରୀ ମୁଁ....!!

–ମଧୁବନ, ବାରିପଦା,୭୫୭୦୦୧



# ଚୁଜି ହେଲେଣି ଅନନ୍ୟା

ଅନନ୍ୟା ପାଣ୍ଡେ। କରନ୍ ଜୋହରଙ୍କ ସିକୁଏଲ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ସେ ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ କରିଛନ୍ତି। ବିଗତ ଦିନର ଅଭିନେତା ଚଙ୍କି ପାଣ୍ଡେଙ୍କ ଏହ କନ୍ୟା ନିଜ ଆକ୍ଟିଂ ଲାଇନ୍‌କୁ ନେଇ ବେଶ୍ ସିରିୟସ। କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ସେ ଶହେ ଥର ଚିନ୍ତା କରିବେ ବୋଲି କହି ବୁଲୁଛନ୍ତି। ଏ ନେଇ ଅନନ୍ୟା କହନ୍ତି, 'ଧୀର ପାଣି ପଥର କାଟେ। ତେଣୁ ମୋ ଆକ୍ଟିଂ କ୍ୟାରିୟରରେ ମୁଁ ଆଦୌ ତରତର ହେବି ନାହିଁ। ଦେଖି ଚାହିଁ ପାଦ ପକାଇବି। କାହାଣୀ, ରୋଲ୍ ମନକୁ ନ ଛୁଇଁଲା ପର୍ଯ୍ୟନ୍ତ ସାଇନ୍ କରିବି ନାହିଁ। ଏପରି କି ଶସ୍ତା ଲୋକପ୍ରିୟତା ହାସଲ କରିବାକୁ ନଗ୍ନତାର ଆଶ୍ରୟ ନେବି ନାହିଁ।' ଚୁଜି ହେବା ପରେ ଅନନ୍ୟା ପାଖାପାଖି ୩-୪ଟି ଅଫର ହାତଛଡା କରିସାରିଲେଣି। ତେବେ ନିଜ କଥାରେ ସେ କେତେ ଦିନ ଦୃଢ଼ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।







ହୁମା

# କେତେବେଳେ ହଁ କେତେବେଳେ ନା

ହୁମା କୁରେସି ଏବେ ଦୋଛକିରେ ପଡିଯାଇଛନ୍ତି। ଗୋଟିଏ ପ୍ରଶ୍ନକୁ ନେଇ ସେ ଟେନସନରେ। କେତେବେଳେ ସେ ଏହାର କି ପ୍ରକାର ଉତ୍ତର ଦେଉଛନ୍ତି ତାହା ନିଜେ ଜାଣିପାରୁନାହାନ୍ତି। କଥା କ'ଣ କି ହୁମାଙ୍କ ପ୍ରେମକୁ ନେଇ ବର୍ତ୍ତମାନ ବଲିଉଡରେ ଚର୍ଚ୍ଚା। ସେ କାହା ପ୍ରେମରେ ମସଗୁଲ ଜାଣନ୍ତି ? ନିର୍ଦ୍ଦେଶକ ମୁଦ୍ଦାସର ଅଜିଜଙ୍କ ସହ ତାଙ୍କର ରୋମାନ୍ସ ଚାଲିଛି ବୋଲି ଚାରିଆଡେ ଚର୍ଚ୍ଚା। କିଛି ଦିନ ପୂର୍ବେ ଏ ନେଇ ସଫେଇ ଦେଇ ସେ କହିଥିଲେ ଯେ ଏହା ସମ୍ପୂର୍ଣ୍ଣ ଗୁଜବ। ଏପରି କଥା ପଛରେ ଆଦୌ ସତ୍ୟତା ନାହିଁ। ହେଲେ ନିକଟରେ ମୁଦ୍ଦାସରଙ୍କ ସହ ତାଙ୍କର ଖୁଲମଖୁଲା ପ୍ରେମ ଚାଲିଛି ବୋଲି ସେ ପରୋକ୍ଷରେ ସ୍ୱୀକାର କରିଛନ୍ତି। କେବଳ ସେତିକି ନୁହେଁ, ନିଜ ପ୍ରେମିକଙ୍କ ବାର୍ଥ ଡେ' ପାର୍ଟିରେ ଯୋଗ ଦେଇ ତାଙ୍କ ସହ ଫଟୋ ଉଠାଇ ସେଗୁଡିକୁ ନିଜ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। 'ପତି ପତ୍ନୀ ଔର ୱ'ର ଶୁଟିଂ ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହୋଇଥିଲା। ତେବେ ଏହି ପ୍ରେମ ସମ୍ପର୍କକୁ ହୁମା କେବେ ସିଧାସଳଖ ସ୍ୱୀକାର କରୁଛନ୍ତି ତାହା ଜାଣିବାକୁ ବାକି ରହିଲା।

# ଅକୁଣ୍ଠା ରଣବୀର

ଥରେ ମନେ ପକାନ୍ତୁ ନା ସଞ୍ଜୟ ଲୀଲା ଭଁସାଲିଙ୍କ 'ପଦ୍ମାବତ୍'କୁ। ରିଲିଜ ପୂର୍ବରୁ ବିବାଦ ଭିତରେ ଫସିଥିଲା ଏହି ଫିଲ୍ମଟି। ଶେଷରେ ଏହା ପରଦା ଉପରକୁ ଆସିଥିଲା। ସେଥିରେ ଆଲ୍ଲାଉଦ୍ଦିନ ଖିଲିଜି ଭୂମିକାରେ ଅଭିନୟ କରିଥିଲେ ରଣବୀର ସିଂ। ଫିଲ୍ମଟି ମଧ୍ୟ ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ହେଲେ ନିକଟରେ ସେ ସଞ୍ଜୟଙ୍କ ଆଗାମୀ ଫିଲ୍ମରେ ଏକ ଗେଷ୍ଟ ଭୂମିକାରେ ଅଭିନୟ କରିବେ କି ନାହିଁ ସେ ନେଇ ଅନିଶ୍ଚିତତା ଲାଗି ରହିଛି। ପ୍ରଥମେ ରଣବୀର ଏ ନେଇ ନିଜର ସମ୍ମତି ଜଣାଇଥିଲେ, ହେଲେ ଏବେ ଏହି ଫିଲ୍ମରୁ ନିଜକୁ ବାଦ୍ ଦେବାକୁ ସେ ସ୍ଥିର କରିଛନ୍ତି। ଶୁଣିବାକୁ ମିଳୁଛି ଯେ ଆଲିୟା ଭଟ୍ଟଙ୍କ ସହ ଅଭିନୟ କରିବାକୁ ସେ କୁଆଡେ ରାଜି ନାହାନ୍ତି। ତେଣୁ ଏହାର କାଷ୍ଟିଂରୁ ବାଦ୍ ଦେବାକୁ ସେ ସଞ୍ଜୟଙ୍କୁ ଅନୁରୋଧ କରିଛନ୍ତି। ସେପଟେ ରଣବୀର ନିଜର ନିଷ୍ପତ୍ତି ପରିବର୍ତ୍ତନ କରିବେ ବୋଲି ଆଶା ରଖିଛନ୍ତି ସଞ୍ଜୟ। ଦେଖାଯାଉ, କେଉଁ ପାଣି କୁଆଡେ ଯାଉଛି।

ରୁଦ୍ର-ସୋଲାଙ୍କି


# ମତେ ତ ଇସ୍କ ହେଲାରେ

'ମତେ ତ ଇସ୍କ ହେଲାରେ'-ଏଭଳି ଶୀର୍ଷକରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଏହି ଚଳଚ୍ଚିତ୍ରଟି ପ୍ରେମ କାହାଣୀ ଉପରେ ଆଧାରିତ। ହେଲେ ସେହି ପ୍ରେମରେ ଭିନ୍ନତା ରହିଛି ଏବଂ ତା' ସହ ଭାବପ୍ରବଣତା ଏବଂ ଫ୍ୟାମିଲି ଡ୍ରାମାର ବାସ୍ନା ମଧ୍ୟ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଅୟସକାନ୍ତ ମହାନ୍ତି। ସ୍ନେହା ଫିଲ୍ମ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ଦର୍ଶକ ପୁଣି ଥରେ ରୁଦ୍ର ପାଣିଗ୍ରାହୀ-ସୋଲାଙ୍କି ଭୌମିକ ଯୋଡିକୁ ଦେଖିବାକୁ ପାଇବେ। 'ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଭିନ୍ନ ଢଙ୍ଗରେ ଉପସ୍ଥାପନା କରାଯାଇଛି। ନାୟକ ପ୍ରେମରେ ପଡିବା ପରେ କିପରି ଉତ୍‌ଥାନ ପତନ ନେଇ ଗତି କରୁଛି ଏବଂ ସେହି ଭଲ ପାଇବା ଶେଷକୁ ସଫଳ ହେଉଛି କି ନାହିଁ ତାହା ଫିଲ୍ମଟି ଦେଖିଲେ ଜାଣିପାରିବେ ବୋଲି କହନ୍ତି ଚଳଚ୍ଚିତ୍ରର ନିର୍ଦ୍ଦେଶକ ଆଶୁତୋଷ ଦାସ (ବାବୁ ଦା')। ସୁନୀଲ ପରିଡା ସଂଳାପ ରଚନା କରିଛନ୍ତି। ଅରୁଣ ମନ୍ତ୍ରୀ ଏବଂ ଜୟନ୍ତ ଦାସଙ୍କ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଳା। ରୁଦ୍ର ଏବଂ ବଙ୍ଗୀୟ ଅଭିନେତ୍ରୀ ସୋଲାଙ୍କିଙ୍କ ବ୍ୟତୀତ ମନୀଷା ମିଶ୍ର, ଜୀବନ ପଣ୍ଡା, ପ୍ରଜ୍ଞା ପ୍ରଧାନ ଏବଂ ରୋନି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ବର୍ଷ ଡିସେମ୍ବରରେ ରିଲିଜ ହେବାର ଯୋଜନା ରହିଛି।


ବିଦ୍ୟା

# କ୍ୟାଟ୍ରିନା ଯାହା ଖୋଜୁଥିଲେ..

କ୍ୟାଟ୍ରିନା ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଆଉ ତା'ପରେ ତାଙ୍କର ଖୁସି କହିଲେ ନ ସରେ। କଥା କ'ଣ କି ନିକଟରେ ତାଙ୍କୁ ଏକ ଆକ୍ସନ-କମେଡି ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଛି। ପୁଣି କାହା ସହ ଜାଣନ୍ତି? ବିଦ୍ୟା ବାଲାନ୍‌ଙ୍କ ସହ। ଯେତେବେଳେ ଏକଥା କ୍ୟାଟ୍ରିନା ଜାଣିଲେ ଖୁସିରେ ଗଦ ଗଦ ହୋଇ ନିଜର ସମ୍ମତି ଜଣାଇଥିଲେ। ଖାସ୍ କଥା ହେଲା, ଏହି ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଆନନ୍ଦ ଏଲ. ରାଇ। ନବାଗତ ଅନିରୁଦ୍ଧ ଗଣପତି ଏହାର ନିର୍ଦ୍ଦେଶନା ଦେବେ। ବଲିଉଡ୍‌ରେ ପ୍ରଥମ ଥର ପାଇଁ କ୍ୟାଟ୍ରିନା-ବିଦ୍ୟା ପ୍ରଥମ ଥର ପାଇଁ ଅଭିନୟ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ବିଦ୍ୟାଙ୍କ ପରି ଜଣେ ଭଲ ଅଭିନେତ୍ରୀଙ୍କ ସହ ଅଭିନୟ କରିବା ମୋର ଏକ ଆଶା ଥିଲା। ତାହା ଏବେ ପୂରଣ ହୋଇଛି। ବିଦ୍ୟା ଅଭିନୟ କରିଥିବା ପ୍ରତ୍ୟେକ ଫିଲ୍ମ ମୁଁ ଦେଖିଛି। ଯେ କୌଣସି ଭୂମିକାକୁ କିପରି ତୁଲାଇବାକୁ ପଡେ ତାହାର କାଇଦା ତାଙ୍କୁ ଜଣା। ସେପରି ଜଣେ ଅଭିନେତ୍ରୀଙ୍କ ସହ ମୁଁ ଅଭିନୟ କରିବି-ଏକଥା ଜାଣିବା ପରେ ମୁଁ କେତେ ଖୁସି ତାହା ବର୍ଣ୍ଣନା କରିପାରିବି ନାହିଁ।' ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି।


କ୍ୟାଟ୍ରିନା

ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ମା'ଙ୍କୁ ଦେଇଥିଲି



କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ବିଡିଓ ଭୀମସେନ ଶବର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ରାୟଗଡ଼ା ଜିଲା ଗୁଣୁପୁର ସବ୍‌ଡିଭିଜନ ଅନ୍ତର୍ଗତ ରାମନାଗୁଡ଼ା ବ୍ଲକର ବଂଶଧାରା ନଦୀକୂଳେ ଅବସ୍ଥିତ ଅନ୍ତରଝୋଲା ଗାଁରେ ମୋ ଜନ୍ମ। ଗାଁ ପ୍ରାଥମିକ ବିଦ୍ୟାଳୟରୁ ୩ୟ ଶ୍ରେଣୀ ପାସ୍ କରିବା ପରେ କୈଳାସପୁର ଓ କୁଜେନ୍ଦ୍ରିସ୍ଥିତ ଆଦିବାସୀ ଆବାସିକ ବିଦ୍ୟାଳୟରେ ମ୍ୟାଟ୍ରିକ୍ ପର୍ଯ୍ୟନ୍ତ ପଢିଥିଲି। ତା' ପରେ ଗୁଣୁପୁର ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ ପଢି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଇକୋନୋମିକ୍ସରେ ପିଜି କଲି। ପିଜି ପଢା ଚାଲିଥିବା ସମୟରେ ହିଁ ଓଡିଶା ପ୍ରଶାସନିକ ସେବାରେ ଚାକିରି ପାଇଗଲି। ୧୯୮୯ ଅକ୍ଟୋବର ୩ ତାରିଖରେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ପେଶାଲ୍ ଅଫିସର୍ ଭାବେ ମୋର ପ୍ରଥମ ପୋଷ୍ଟିଂ ହେଲା। ହେଲେ ଦୁର୍ଭାଗ୍ୟ ଚାକିରିର ପ୍ରଥମ ଦରମା ପାଇଲା ବେଳକୁ ବାପାଙ୍କର ଅକାଳ ବିୟୋଗ ହୋଇସାରିଥିଲା। ତେଣୁ ମା' ହାତରେ ଯେବେ ମୁଁ ମୋ ଦରମା ଟଙ୍କା ନେଇ ଦେଲି, ସେ ବହୁତ କାନ୍ଦିଥିଲା। ସମ୍ବଲପୁରରେ ପ୍ରାୟ ୨ବର୍ଷ କାମ କରିବା ପରେ ମାଲକାନାଗିରି ଜିଲାର ମୋଟୁ ତହସିଲ୍ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲ୍‌ଦାର ପଦବୀରେ ଯୋଗ ଦେଇଥିଲି। ଏହାପରେ ୧୯୯୮ ମସିହାରେ କୋରୁକୁଣ୍ଡା ବ୍ଲକର ବିଡିଓ ଭାବେ ପ୍ରାୟ ୪ ବର୍ଷ ଦାୟିତ୍ୱ ତୁଲାଇବା ପରେ ମାଥିଲିର ବିଡିଓ ହୋଇଥିଲି। ଏଠାରେ ବି କିଛିଦିନ କାମ କରିବା ପରେ ପ୍ରାୟ ୨ବର୍ଷ କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକର ବିଡିଓ ଦାୟିତ୍ୱ ତୁଲାଇଥିଲି। ତା'ପରେ ପୁଣି ୨ ବର୍ଷ ବରଗଡ଼ରେ ରେଭିନ୍ୟୁ ଅଫିସର୍ ଭାବେ କାମ କରି ଗୁଣୁପୁର ଆଇଟିଡିଏରେ ସ୍ପେଶାଲ୍ ଅଫିସର୍ ଭାବେ ଯୋଗ ଦେଇଥିଲି। କିଛିଦିନ ପରେ କୋରାପୁଟର ଲକ୍ଷ୍ମୀପୁର ବ୍ଲକକୁ ତହସିଲଦାର୍ ଭାବେ ବଦଳି ହୋଇ ଯାଇଥିଲି। ସେଠାରେ ପାଖାପାଖି ୬ ବର୍ଷ ରହି ଅନେକ ଗରିବ ଲୋକଙ୍କ ଜମିପଟା, ଘରଡିହ, ମ୍ୟୁଟେଶନ୍ ପ୍ରଭୃତି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲି। କାରଣ ମୁଁ ଗୋଟିଏ ଗରିବ ପରିବାରରୁ ଗାଈ ଚରାଇ ଝାଟିମାଟି ଘରେ ଜୀବନ ବିତାଇ ଆସିଥିଲି। ଲକ୍ଷ୍ମୀପୁର ପରେ ପୁଣି ୪ ବର୍ଷ ନବରଙ୍ଗପୁର ଜିଲାର କୋସାଗୁମୁଡ଼ା ବ୍ଲକରେ ବିଡିଓ ଭାବେ ଦାୟିତ୍ୱ ତୁଲାଇଥିଲି। ଆଉ ଗତ ବର୍ଷେ ହେବ କଳହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ବିଡିଓ ଭାବେ ମୁଁ କାର୍ଯ୍ୟ କରୁଅଛି। ଚାକିରି କରିବା ମୋର ୟା' ଭିତରେ ୩୦ ବର୍ଷ ଅତିବାହିତ ହୋଇଗଲାଣି। ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରିଥିବାରୁ ଦକ୍ଷ ପ୍ରଶାସକ ଭାବେ ୧୯୯୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମୋତେ ପୁରସ୍କୃତ କରିଥିଲେ। ଅନ୍ୟପକ୍ଷେ ୨୦୧୧ ମସିହାରେ ନିର୍ଭୁଲ ଭାବରେ ଜନଗଣନା କରିଥିବାରୁ ମୁଁ ମେଡାଲ୍ ବି ପାଇଥିଲି। ତେବେ ପ୍ରଶାସନିକ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ସହ ମଝିରେ ମଝିରେ ସମୟ ବାହାରକରି ମୁଁ ସ୍କୁଲ୍, କଲେଜ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଜ୍ଞାନ, ଅର୍ଥନୀତି ଆଦି ବିଷୟରେ ଶିକ୍ଷାଦାନ କରିଥାଏ। ସେହିପରି ଯେ କୌଣସି ସମସ୍ୟା ନେଇ ଲୋକମାନେ ମୋ ପାଖକୁ ଆସିଲେ ସେମାନଙ୍କର ସମସ୍ୟାଗୁଡ଼ିକୁ ସମାଧାନ କରିବାକୁ ମୁଁ ସର୍ବଦା ଚେଷ୍ଟାରତ ଥାଏ। ଏପରି କି ଛୁଟିଦିନରେ କେସିଙ୍ଗା ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରି ରାସ୍ତାଘାଟ, ଗରିବ ଲୋକଙ୍କ ସମସ୍ୟା ଦେଖି ତାକୁ ସମାଧାନ କରିବାକୁ ତତ୍ପର ହୋଇଥାଏ। ବିପନ୍ନ ଲୋକଙ୍କର ଦୁଃଖ ଦେଖି ତାଙ୍କୁ ଯଥା ସମ୍ଭବ ସାହାଯ୍ୟ କରେ। ପ୍ରତି ମାସରେ କେସିଙ୍ଗା ବ୍ଲକ ଅନ୍ତର୍ଗତ ୨୬ଟି ଗ୍ରାମ ପଞ୍ଚାୟତର ୧୧୦ ଖଣ୍ଡ ଗାଁକୁ ପରିଦର୍ଶନରେ ଯାଇ ଲୋକଙ୍କର ସମସ୍ୟା ବୁଝିବାକୁ ମୁଁ ସବୁବେଳେ ଚେଷ୍ଟା କରିଥାଏ। ଚଳିତ ମାସ ୩ ତାରିଖରେ କର୍ମକ୍ଷେତ୍ରରେ ମୋର ୩୦ ବର୍ଷ ପଦାର୍ପଣ କରିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ଆଉ ଅବସର ଗ୍ରହଣ ପରେ ବି ଏମିତି ଲୋକଙ୍କ ସେବା କରିବାକୁ ଦୃଢସଂକଳ୍ପ ମଧ୍ୟ ନେଇସାରିଛି। କାରଣ ସେବାରେ ଯେଉଁ ଆନନ୍ଦ ଓ ତୃପ୍ତି ମିଳେ ତାହା ଆଉ କେଉଁଥିରେ ମିଳେନା ବୋଲି ମୋର ବିଶ୍ୱାସ ରହିଛି।


**–ତୁମେଶ୍ୱର ସାହୁ**

# ଶାଳୀ ହୋଇଥାଉ ଯେତେ ବାନ୍ଦେରୀ, ସ୍ତ୍ରୀ ଠାରୁ ଲାଗେ ସିଏ ଭାରି ସୁନ୍ଦରୀ

**ପ୍ରଶ୍ନ**–ଜଣେ ସୁନ୍ଦରୀ ସବୁବେଳେ ମୋ ସପନରେ ଆସୁଛି। ହେଲେ ମୋର ସପନ ମଝିରେ ରାତି ପାହି ଯାଉଛି। କ'ଣ କରିବି ?

*–ଗୁରୁ, ବାଲେଶ୍ୱର*

**ଉତ୍ତର:** ଅନେକେ ସପନ ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତି। ହେଲେ ଯେତେବେଳେ ତାହା ମିଛ ବୋଲି ପ୍ରମାଣିତ ହୋଇଯାଏ ସେତେବେଳେ ସପନ ଉପରୁ ବିଶ୍ୱାସ ତୁଟିଯାଏ। ସପନ ହେଉଛି କ୍ଷଣିକ ଖୁସି ଅବା ଦୁଃଖର ଝଲକ। ହେଲେ ଅସଲ ଦୁନିଆରେ ମନର ସାଥୀଟିଏ ଖୋଜନ୍ତୁ। କାରଣ ଏମିତି ରାତି ପାହି ଚାଲିଥିବ, ଆପଣଙ୍କ ଗୋଲଡେନ ଡ୍ରିମ ଅଧୁରା ରହିଯାଉଥିବ ଆଉ ତା' ଭିତରେ ଆପଣ ନିଜର ମନ ସାଥୀକୁ ଖୋଜୁଥିବେ। 'ଅଧା ସପନରେ ପାହିଲା ରାତି, କେବେ ଆସିବ ମୋ ମନର ସାଥୀ' ବିଷୟରେ ଅଧିକ ନ ଭାବି, ବାସ୍ତବତାରେ ଏପରି ସୁନ୍ଦରୀଟିଏ ଚଏସ କରନ୍ତୁ, ଯିଏ ସାରା ଜୀବନ ଆପଣଙ୍କର ସାଥୀ ହୋଇ ରହିଥିବ।




**ପ୍ରଶ୍ନ**–କେତେକ କହନ୍ତି, ସ୍ତ୍ରୀଠାରୁ ଶାଳୀ ସୁନ୍ଦରୀ। ଏ କଥା କ'ଣ ସତ ?

*–ପ୍ରାଣବନ୍ଧୁ ସାହୁ, ଢେଙ୍କାନାଳ*

**ଉତ୍ତର:** 'ଶାଳୀ ହୋଇଥାଉ ଯେତେ ବାନ୍ଦେରୀ, ସ୍ତ୍ରୀଠାରୁ ଲାଗେ ସିଏ ଭାରି ସୁନ୍ଦରୀ।' ସ୍ତ୍ରୀ ଠାରୁ ଶାଳୀ ସୁନ୍ଦରୀ କି ଅସୁନ୍ଦରୀ ତାହା ଅଲଗା କଥା। ହେଲେ ଶାଳୀ ସୌନ୍ଦର୍ଯ୍ୟରେ ପାଗଳ ହୋଇ ଯଦି ମତୁଆଲା ହେଲେ ତେବେ କଥାଟି ନିଜ ବୈବାହିକ ଜୀବନରେ ନିଜ ହାତରେ ନିଜେ ନିଆଁ ଲଗାଇଲା ପରି ହେବ। ତେଣୁ ଦେଖି ଚାହିଁ ଶାଳୀ ସୌନ୍ଦର୍ଯ୍ୟର ପ୍ରଶଂସା କରନ୍ତୁ।

**ପ୍ରଶ୍ନ**–ସବୁବେଳେ ଭାବୁଛି ଜଣେ ଝିଅକୁ ପ୍ରପୋଜ କରିବି। ହେଲେ ସେମାନଙ୍କ ସାମ୍ନାକୁ ଗଲା ପରେ ମୋର ଫ୍ୟୁଜ୍ ଉଡ଼ି ଯାଉଛି। କ'ଣ କରିବି ?

*–ସୁନୀଲ ଦାସ, କେନ୍ଦ୍ରାପଡା*

**ଉତ୍ତର:** ଆପଣଙ୍କ ମନରେ ପ୍ରେମକୁ ନେଇ ଅନେକ ଶଙ୍କା, ଆଶଙ୍କା ବସା ବାନ୍ଧିଛି। ପ୍ରଥମେ ସେଗୁଡିକୁ ଦୂର କରନ୍ତୁ। ପାଣିପାଗ କ୍ଲିୟର ଦେଖି ସାହସର ସହ ନିଜ ହୃଦୟର କଥା ମନର ମାନସୀକୁ କୁହନ୍ତୁ। ଦେଖିବେ, ଯଦି ଆପଣଙ୍କ କଥା ଶୁଣି ସେ ହସିଦେଲା, ଜାଣିନିଅନ୍ତୁ ସେ ଫସିଗଲା। ହେଲେ ସେହି ହସରେ ଶତ ପ୍ରତିଶତ ପ୍ରେମର ସିଗ୍‌ନାଲ ରହିବା ଦରକାର। ବାସ୍, ମନକୁ ଦୃଢ଼ କରି ଆଗାନ୍ତୁ।

**ପ୍ରଶ୍ନ**–ମୋର ଜଣେ ସାଙ୍ଗକୁ ପ୍ରେମ ଗୁରୁ ଭାବରେ ଗ୍ରହଣ କଲି। ତା' ବୁଦ୍ଧିରେ ପଡି ଜଣେ ଝିଅକୁ ଲଭ୍ କଲି। ହେଲେ ଅଧା ବାଟରେ ସେ ମୋ ପ୍ରେମିକାକୁ ନେଇ ଫେରାର ହୋଇଗଲା। ଏବେ ମୁଁ କ'ଣ କରିବି ?

*–ଅସୀତ ନାୟକ, ପୁରୀ*


**ଉତ୍ତର:** ଏବେ ଆଉ କିଛି କରିବାର ନାହିଁ। ଯାହା କହନ୍ତୁ ନା କାହିଁକି ଆପଣଙ୍କ ପ୍ରେମ ଗୁରୁଙ୍କୁ ମାନିବାକୁ ପଡିବ। ଶିଷ୍ୟଙ୍କୁ ପ୍ରେମ ଟିପ୍ସ ଦେଲେ ଶେଷକୁ ତାଙ୍କର ପ୍ରେମିକାକୁ ନେଇ ଫେରାର୍। ବୋଧହୁଏ ଗୁରୁ ଚଏସରେ ଆପଣଙ୍କର ଭୁଲଭଟକା ରହିଯାଇଥିଲା। ଏବେ ପଛ କଥାକୁ ଆଉ ଭାବିଲେ ତାହା ମନ ଭିତରେ ଜଳୁଥିବା ବିରହ ନିଆଁକୁ ଆହୁରି ପ୍ରଜ୍ୱଳିତ କରିବ। ତେଣୁ ପଛ ଘଟଣାକୁ ଇତିହାସ ଭାବି ଭୁଲିଯାଇ ନିଜ ବୁଦ୍ଧିରେ ପ୍ରେମ କରନ୍ତୁ।



# ଅଜବ ନେଲ୍ ଆର୍ଟ



**ଆଜିକାଲି ନେଲ୍ଆର୍ଟ ଫ୍ୟାଶନ୍ ବେଶ୍ ଜୋର୍ ଧରିଛି। ଯୁବତୀମାନେ ନାନା ପ୍ରକାରର ନେଲ୍ ଆର୍ଟ କରି ଟ୍ରେଣ୍ଡି ଲୁକ୍ ପାଉଛନ୍ତି। ତେବେ ଏମିତି ବି କିଛି ନେଲ୍ ଆର୍ଟ ଅଛି, ଯାହା ଦେଖିବାକୁ ଭଲ ଓ ମଜାଦାର ଲାଗିପାରେ। ହେଲେ ଏହାକୁ ନିଜେ ଆପଣେଇବା ସମ୍ଭବ ନୁହେଁ। କାରଣ ଏସବୁ ବେଶ୍ ଅଜବ....**







**ବର୍ଥଡେ' ନେଲ୍ସ–** ବିଭିନ୍ନ ପ୍ରକାରର ନେଲ୍ ଆର୍ଟ ଦେଖିଥିବେ ହେଲେ ଏମିତି ଆର୍ଟ କେବେ ଦେଖି ନ ଥିବେ। ଏହି ନେଲ୍ ଆର୍ଟ ଯେତିକି ସୁନ୍ଦର ସେତିକି ବିପଜ୍ଜନକ ବି ଲାଗେ। ସୁନ୍ଦର ଭାବେ ସଜ୍ଜିତ ନଖରେ ସତସତିକା କ୍ୟାଣ୍ଡେଲ ଲାଗିଥାଏ। ଆଉ ତାକୁ ଜଳାଇ ବି ହୁଏ।

**ପିୟର୍ସଡ୍ ନେଲ୍ସ–** ଏହି ନେଲ୍ ଆର୍ଟ ବେଶ୍ ଟ୍ରେଣ୍ଡି। ଏଥିରେ ନଖରେ କଣା ବା ପିୟର୍ସିଂ କରି ଛୋଟ ରିଙ୍ଗ ପିନ୍ଧାଯାଏ।

**କମ୍ବ ନେଲ୍–** ଏହି ନେଲ୍ ଡିଜାଇନ୍ ଏମିତି ଯେ, ଏଥିରେ ଆପଣ ଛୋଟ ପିଲାର ମୁଣ୍ଡ କୁଣ୍ଡାଇପାରିବେ। କାରଣ ଏହା ପାନିଆ ଭଳି ଡିଜାଇନ୍‌ର ହୋଇଥାଏ। ଏହା ଦେଖିବାକୁ ବେଶ୍ କୌତୂହଳମୟ ଲାଗେ।

**ନିଜ ଛବିଥିବା ନେଲ୍ ଆର୍ଟ–** ଏହି ନେଲ୍ ଡିଜାଇନ୍‌ରେ, ନିଜ ମୁହଁର ଛବି ଥିବା ସହ ସେଥିରେ କେଶ ବି ଲଗାଯାଇଥାଏ। ଯେମିତିକି ତାହା ବାସ୍ତବ ଲାଗିବ।

**ବ୍ଲିଙ୍କିଙ୍ଗ ଆଇ ନେଲ୍–** ଏହି ନେଲ୍‌ରେ ସତ ସତିକା ଆଖି ପରି ଡିଜାଇନ୍ କରାଯାଇଥାଏ। ସେହି ଆଖିର ପତା ଖୋଲି ଓ ବନ୍ଦ ବି କରିହୁଏ।

**କଲର୍ ପେନସିଲ୍ ନେଲ୍–** କଲର୍ ପେନ୍‌ସିଲ ପରି ଦେଖିବାକୁ ଅଟେ ଏହି ନେଲ୍ ଡିଜାଇନ୍। ଆଉ ଏକ କୌତୂହଳର କଥା ହେଉଛି ଯେ, ସେହି ପେନ୍‌ସିଲ୍‌ରେ କଲର୍ ବି କରିହେବ।

**କର୍କ ସ୍କ୍ରୁ ନେଲ୍ସ–**ସ୍ପ୍ରିଙ୍ଗ୍ ପରି ମୋଡି ମୋଡି ହୋଇ ରହୁଥିବା ଏହି ନେଲ୍ ଡିଜାଇନ୍ ବେଶ୍ ଅଜବ ଲାଗେ।

**ବଟାନିକାଲ ନେଲ୍–** ଏଥିରେ ସତସତିକା ଡାଳ, ଫୁଲରେ ନଖକୁ ଡିଜାଇନ୍ କରାଯାଇଥାଏ, ଯାହାକି ଦେଖିବାକୁ ବେଶ୍ ଆକର୍ଷକ ଲାଗେ।

**କର୍କ ବୋର୍ଡ ନେଲ୍ସ–** ସ୍କୁଲ, ଅଫିସ୍‌ର କାନ୍ଥରେ କର୍କ ବୋର୍ଡ ଲାଗିଥାଏ। ଯେଉଁଥିରେ ବିଶେଷ ଦିନଗୁଡ଼ିକ କାଗଜରେ ଲେଖି ପିନ୍‌ରେ ଲଖାଯାଇଥାଏ। ସେହିଭଳି କର୍କବୋର୍ଡର ଡିଜାଇନ୍ ଏବେ ନଖରେ ବି କରାଯାଉଛି।


**କଟଲେରୀ ନେଲ୍ସ–** ଏହି ନେଲ୍ ଡିଜାଇନ୍‌ରେ ନଖରେ କରାଯାଇଥାଏ ଫର୍କ ବା କଣ୍ଟା ଚାମଚ ଓ ଚାମଚର ଡିଜାଇନ୍। ଦେଖିବାକୁ ଏହା ବେଶ୍ ଅଜବ ଲାଗେ।

**ଲେଗୋ ନେଲ୍ସ–**ଏହି ନେଲ୍ ଡିଜାଇନ୍ ପିଲାଦିନ କଥା ମନେ ପକାଇଦେବ। ଛୋଟବେଳେ ଲେଗୋକୁ ଜଏଣ୍ଟ କରି ବିଭିନ୍ନ ଜିନିଷ ତିଆରି କରୁ। ନଖରେ ସେହି ଲେଗୋର ଡିଜାଇନ୍ ବେଶ୍ କୌତୂହଳମୟ ଲାଗିଥାଏ।

**ହେୟାରି ନେଲ୍ସ–** ନଖରେ ଏହି ଡିଜାଇନ୍ ବୋଧହୁଏ ନଖକୁ ଶୀତଦିନେ ଥଣ୍ଡାରୁ ରକ୍ଷା କରିବା ପାଇଁ ହୋଇଛି। କାରଣ ଉକ୍ତ ଡିଜାଇନ୍‌ରେ ନଖରେ କେଶ ଲଗାଯାଇଥାଏ। ତେବେ ଏହାର କାରଣ ଯାହା ହେଉ ନା କାହିଁକି ଦେଖିବାକୁ ବେଶ୍ ମଜାଦାର ଲାଗେ।









ଯସ୍ମିନ୍

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ– କୁମାର ଶରତ (ଧରିତ୍ରୀ)**

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ସ୍ତ୍ରୀ ପରି

ବ୍ୟକ୍ତି ଜଣେ ଯୁବତୀଙ୍କୁ– ଆପଣଙ୍କ ମୁହଁ ମୋ ସ୍ତ୍ରୀ ସହିତ ବହୁତ ମିଶୁଛି।
ଯୁବତୀ– ବଦ୍‌ମାସ୍ କୋଉଠିକାର୍...ବକ୍‌ବାସ୍ ବନ୍ଦ କର୍...
ବ୍ୟକ୍ତି– କଥାବାର୍ତ୍ତା ବି ଏକାପରି।

### ଲୋଚାମୋଚା

କୁନି ଝିଅ ମା'କୁ– ମା' ତମେ ଡ୍ରେସ୍ କାହିଁକି ଆଇରନ୍ କରୁଛ ?
ମା' – ଡ୍ରେସ୍ ଲୋଚାମୋଚା ହୋଇଯାଇଛି ତ, ତାକୁ ସିଧା କରିବା ପାଇଁ।
ଝିଅ– ଏଥିରେ ସବୁ ଲୋଚାମୋଚା ସିଧା ହୋଇଯିବ ?
ମା'– ହଁ।
ଏହା ଶୁଣି ଝିଅଟି ଆଇରନ୍ ଧରି ଦୌଡ଼ିଲା।
ମା'– କୁଆଡ଼େ ଯାଉଛୁ ?
ଝିଅ– ଜେଜେମା' ମୁହଁର ଚମଡା ବି ତ ଲୋଚାମୋଚା ହୋଇଯାଇଛି। ତାକୁ ଯାଉଛି ସିଧା କରିବି।

### ପସନ୍ଦ

ପୁଅଘର– ଆମକୁ ଝିଅ ପସନ୍ଦ ହୋଇଛି। ବାହାଘର କେବେ କରିବା କୁହନ୍ତୁ।
ଝିଅ ବାପା– ଏବେ ନୁହେଁ। ଏବେ ତ ଆମ ଝିଅ ପଢୁଛି।
ସଙ୍ଗେ ସଙ୍ଗେ ପୁଅ– ମୁଁ କ'ଣ ଛୋଟ ପିଲା ଯେ, ତାଙ୍କର ବହି ଚିରି ଦେବି।








# ଯନ୍ତର ମନ୍ତର


ଯନ୍ତ୍ର ମନ୍ତ୍ରରୁ ଯନ୍ତର ମନ୍ତରର ସୃଷ୍ଟି। ପ୍ରକୃତପକ୍ଷେ ଏହା ହେଉଛି ଏକ ପର୍ଯ୍ୟବେକ୍ଷଣାଗାର, ଯେଉଁଠାରେ ପୂର୍ବେ ବିଭିନ୍ନ ଯନ୍ତ୍ର ତଥା ବସ୍ତୁ ସାହାଯ୍ୟରେ ସମୟ ନିର୍ଦ୍ଧାରଣ କରାଯିବା ସହିତ ସୂର୍ଯ୍ୟ, ଚନ୍ଦ୍ର ତଥା ଗ୍ରହମାନଙ୍କର ସ୍ଥିତି ଏବଂ ଗତି ନିରୂପଣ କରାଯାଉଥିଲା। ଇତିହାସରୁ ଯାହା ଜଣାଯାଏ, ଅଷ୍ଟାଦଶ ଖ୍ରୀଷ୍ଟାବ୍ଦରେ ମହାରାଜା ସୱାଇ ଜୟସିଂହ (ଦ୍ୱିତୀୟ) ଏହି ଯନ୍ତର ମନ୍ତରକୁ ନିର୍ମାଣ କରାଇଥିଲେ। ସେତେବେଳେ ରାଜସ୍ଥାନର ଜୟପୁରରେ ଏହି ରାଜାଙ୍କର ରାଜତ୍ୱ ଥିଲା। ଆଉ ତାଙ୍କ ଦ୍ୱାରା ହିଁ ନୂଆଦିଲ୍ଲୀ, ଜୟପୁର, ଉଜ୍ଜୟିନୀ, ମଥୁରା ଏବଂ ବାରାଣସୀରେ ପୃଥକ୍ ପୃଥକ୍ ୫ଟି ଯନ୍ତର ମନ୍ତର ଗଢ଼ାଯାଇଥିଲା। ଏବେ ବି ଏହିସବୁ ଐତିହାସିକ କୀର୍ତ୍ତିରାଜିଗୁଡ଼ିକ ଅକ୍ଷୁର୍ଣ୍ଣ ଅବସ୍ଥାରେ ରହିଛି। ତେବେ ଏହି ୫ଟି ଯନ୍ତର ମନ୍ତର ମଧ୍ୟରୁ ଜୟପୁରସ୍ଥିତ ଯନ୍ତର ମନ୍ତରଟି ହେଉଛି ସବୁଠାରୁ ବଡ଼ ଆଉ ଆକର୍ଷଣୀୟ। ସେଥିପାଇଁ ତାକୁ ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ମାନ୍ୟତା ମିଳିଛି।

### ଜୟପୁର ଯନ୍ତର ମନ୍ତରର ସ୍ୱତନ୍ତ୍ରତା

ଜୟପୁରସ୍ଥିତ ଏହି ପର୍ଯ୍ୟବେକ୍ଷଣାଗାରରେ ୧୯ଟି ଭିନ୍ନ ଭିନ୍ନ ଏମିତି ସ୍ୱତନ୍ତ୍ର ଯନ୍ତ୍ର ରହିଛି, ଯାହା ମାଧ୍ୟମରେ ସମୟ ନିରୂପଣ କରାଯିବା ସହିତ ଚନ୍ଦ୍ରଗ୍ରହଣ ସମ୍ପର୍କିତ ଭବିଷ୍ୟବାଣୀ ବି ଜାଣି ହେଉଥିଲା। ସେହିପରି ସୌରମଣ୍ଡଳୀୟ ଗ୍ରହ ତଥା ତାରାମାନଙ୍କର ସ୍ଥିତି ଏବଂ ଗତି ସମ୍ପର୍କରେ ତଥ୍ୟ ବି ଏହି ଯନ୍ତ୍ରଗୁଡ଼ିକ ସାହାଯ୍ୟରେ ନିରୂପଣ କରି ହେଉଥିଲା। ଏବେ ମଧ୍ୟ ଏହି ଯନ୍ତ୍ରଗୁଡ଼ିକୁ ଦେଖିଲେ ଅନୁମାନ କରିହୁଏ ଯେ, ଭାରତୀୟ ଲୋକମାନଙ୍କର ଗଣିତ ତଥା ଜ୍ୟୋତିଷ ଶାସ୍ତ୍ରରେ କେତେ ଗଭୀର ଜ୍ଞାନ ଥିଲା। ଯେଉଁଥିପାଇଁ ସେମାନେ ତାଙ୍କର ଜ୍ଞାନକୁ ବିନିଯୋଗ କରି ଏପରି ଏକ ଶିକ୍ଷଣୀୟ ପର୍ଯ୍ୟବେକ୍ଷଣାଗାର ଗଠନ କରିବାରେ ସହାୟକ ହୋଇଥିଲେ।

### ଏଠାରେ ଥିବା ପ୍ରମୁଖ ଯନ୍ତ୍ର

ଜୟପୁରସ୍ଥିତ ଯନ୍ତର ମନ୍ତରରେ ଥିବା ୧୯ଟି ପ୍ରମୁଖ ଯନ୍ତ୍ର ହେଉଛି ବୃହତ୍ ସମ୍ରାଟ ଯନ୍ତ୍ର, ଲଘୁ ସମ୍ରାଟ ଯନ୍ତ୍ର, ଜୟପ୍ରକାଶ ଯନ୍ତ୍ର, ରାମ ଯନ୍ତ୍ର, ଧ୍ରୁବ ଯନ୍ତ୍ର, ଦକ୍ଷିଣା ଭିତ୍ତି ଯନ୍ତ୍ର, ନାଡି ବଳୟ ଯନ୍ତ୍ର, ରାଶି ବଳୟ ଯନ୍ତ୍ର, ଦିଶା ଯନ୍ତ୍ର, ସତାଂଶ ଯନ୍ତ୍ର, ଉନ୍ନତାଂଶ ଯନ୍ତ୍ର, ଦିଗଂଶା ଯନ୍ତ୍ର, ଯନ୍ତ୍ର ରାଜ ଯନ୍ତ୍ର, କପାଳି ଯନ୍ତ୍ର, କନାଳି ଯନ୍ତ୍ର, କ୍ରାନ୍ତି ଭିତ୍ତା ଯନ୍ତ୍ର, ଚକ୍ର ଯନ୍ତ୍ର, ମିଶ୍ର ଯନ୍ତ୍ର, ପଲ୍ଲଭ ଯନ୍ତ୍ର। ପ୍ରତି ଯନ୍ତ୍ରର ଭିନ୍ନ ଭିନ୍ନ କାମ ରହିଥାଏ। ଯାହା ସମ୍ପର୍କରେ ସବିଶେଷ ବିବରଣୀ ଏଠାକୁ ଗଲେ ଆରାମରେ ପର୍ଯ୍ୟଟକ ପାଇପାରିବେ। ତା'ଛଡ଼ା ଏହି ସମସ୍ତ ଯନ୍ତ୍ର ଏବେ ବି ଅକ୍ଷୁର୍ଣ୍ଣ ଆଉ ଆକର୍ଷଣୀୟ ଅବସ୍ଥାରେ ରହିଥିବାରୁ ଏହି ସ୍ଥାନକୁ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ମାନ୍ୟତା ମିଳିଛି। ଯେଉଁଥିପାଇଁ ଏଠାକୁ ସବୁବେଳେ ପର୍ଯ୍ୟଟକଙ୍କର ସୁଅ ଛୁଟୁଛି।




**ଯନ୍ତର ମନ୍ତର ହେଉଛି ଏମିତି ଏକ ପର୍ଯ୍ୟବେକ୍ଷଣାଗାର, ଯେଉଁଠାରେ ପୂର୍ବେ ବିଭିନ୍ନ ଯନ୍ତ୍ର ତଥା ବସ୍ତୁ ସାହାଯ୍ୟରେ ସମୟ ନିର୍ଦ୍ଧାରଣ କରାଯିବା ସହିତ ସୂର୍ଯ୍ୟ, ଚନ୍ଦ୍ର ତଥା ଗ୍ରହମାନଙ୍କର ସ୍ଥିତି ଏବଂ ଗତି ନିରୂପଣ କରାଯାଉଥିଲା।**


### କିଛି ଅଜଣା କଥା

ଶୁଣିବାକୁ ମିଳେ ମହାରାଜା ସୱାଇ ଜୟସିଂହ (ଦ୍ୱିତୀୟ) ଜୟପୁରରେ ଏହି ପର୍ଯ୍ୟବେକ୍ଷଣାଗାର କରିବା ପୂର୍ବରୁ କୁଆଡ଼େ ବିଭିନ୍ନ ଦେଶକୁ ନିଜର ଶାନ୍ତିଦୂତଙ୍କୁ ପ୍ରେରିତ କରିଥିଲେ। ଆଉ ସେହିସବୁ ସ୍ଥାନରୁ ଗଣିତ ତଥା ଜ୍ୟୋତିଷ ଶାସ୍ତ୍ର ସମ୍ପର୍କିତ ବିଭିନ୍ନ ପାଣ୍ଡୁଲିପି ମଗାଇ ତାକୁ ପଢି ପ୍ରଥମେ ନିଜେ ଜ୍ଞାନ ଆହରଣ କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟମାନେ କିପରି ଏହାକୁ ସହଜରେ ବୁଝି ପାରିବେ ସେଥିପାଇଁ ସେହି ପାଣ୍ଡୁଲିପିଗୁଡ଼ିକୁ ସରଳ ଭାଷାରେ ଅନୁବାଦ ବି କରାଇଥିଲେ। ସେହିପରି କୁହାଯାଏ, ଏବେ ବି ଜୟପୁରସ୍ଥିତ ଏହି ପର୍ଯ୍ୟବେକ୍ଷଣାଗାରରେ ଥିବା ଯନ୍ତ୍ରଗୁଡ଼ିକ ଦ୍ୱାରା କରାଯାଉଥିବା ଗଣନାକୁ ଆଧାର କରି ଏଠାରେ ପାଞ୍ଜି ପ୍ରସ୍ତୁତ ହେଉଛି ଏବଂ ତଦନୁଯାୟୀ ରୀତିନୀତି ପାଳନ କରାଯାଉଛି।

### କେବେ ଓ କେମିତି ଯିବେ

ରାଜସ୍ଥାନର ଜୟପୁରସ୍ଥିତ ପ୍ରସିଦ୍ଧ ସିଟି ପ୍ୟାଲେସ୍ ଓ ହାୱା ମହଲ ନିକଟବର୍ତ୍ତୀ ଅଞ୍ଚଳରେ ଏହି ଯନ୍ତର ମନ୍ତର ଅବସ୍ଥିତ। ଯେଉଁଠାକୁ ଯିବା ପାଇଁ ଗମନାଗମନର ଭଲ ବ୍ୟବସ୍ଥା ରହିଛି। ତା'ଛଡ଼ା ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ମଧ୍ୟ ଉପଲବ୍ଧ ଅଛି। ତା'ହେଲେ ଆଉ ଡେରି କାହିଁକି, ନିଆରା ଅନୁଭୂତି ସାଙ୍ଗକୁ ଇତିହାସ ସମ୍ପର୍କିତ ତଥ୍ୟ ସାଉଁଟିବାକୁ ଜୟପୁରସ୍ଥିତ ଏହି ସ୍ଥାନକୁ ବୁଲି ଯିବା ପାଇଁ ପ୍ଲାନିଂ ଆରମ୍ଭ କରିଦିଅନ୍ତୁ ନା।










# ୧୨ମିନିଟରେ ଖାଇଲେ ୬୫ ପ୍ରକାର ଖାଦ୍ୟ

ଇଂଲଣ୍ଡର ଆଦାମ ମୋରାନ୍ ଜଣେ ୟୁ ଟ୍ୟୁବର୍। ସେ ତାଙ୍କ ଚ୍ୟାନେଲ୍ 'ବିୟର୍ଡ ମିଟ୍ସ ଫୁଡ୍' ପାଇଁ ବେଶ୍ ପରିଚିତ। ଏହି ଚ୍ୟାନେଲ୍‌ରେ ସେ ବିଭିନ୍ନ ଖାଦ୍ୟ ଖାଇବାର ଭିଡିଓ ଅପ୍‌ଲୋଡ୍ କରିଥାଆନ୍ତି। ନିକଟରେ ସେ ୧୨ ମିନିଟ୍‌ରେ ୪୦୦୦ କ୍ୟାଲୋରୀ ବିଶିଷ୍ଟ ୬୫ ପ୍ରକାରର ଜଳଖିଆ ଖାଇ ରେକର୍ଡ କରିଛନ୍ତି। 'ଟର୍ମିନେଟର ୨' ନାମକ ଏହି ଫୁଡ ଚ୍ୟାଲେଞ୍ଜରେ ୮ ପ୍ରକାରର ଇଂଲିଶ ବ୍ରେକଫାଷ୍ଟ ଆଇଟମ୍, ଯେଉଁଥିରେ ବାକୋନ୍, ସସେଜ୍, ଅଣ୍ଡା, ଅନେକ ବେକ୍‌ଡ ବିନ୍ସ ଓ ଟୋଷ୍ଟ ଥିଲା। ଏହି ସବୁ ଖାଦ୍ୟ ଖାଉଥିବାର ଭିଡିଓ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। କାରଣ ଏତେ ପ୍ରକାରର ଏତେ ସବୁ ଖାଦ୍ୟକୁ ସେ ବେଶ୍ ଆରାମ୍‌ରେ ଖାଇ ଶେଷ କରି ଦିଅନ୍ତି। ଆଦାମ୍ ପୂର୍ବରୁ ଭାରତୀୟ ଖାଦ୍ୟ ଖାଇବାର ଚ୍ୟାଲେଞ୍ଜ ନେଇ ବି ସଫଳ ହୋଇଛନ୍ତି। ସେଥିରେ ସେ ଭାଜି, ପକୋଡା, ତନ୍ଦୁରି କବାବ, ବ୍ରେଡ ଓ ଆହୁରି ଅନେକ ପ୍ରକାରର ଭାରତୀୟ ଖାଦ୍ୟ ଖାଇଥିଲେ।

## କାର୍ଟୁନ କର୍ନର



# ଅଭିନୟ ପ୍ରେମୀ ରୋହନ

'ଯାତ୍ରା ଏମିତି ଏକ କ୍ଷେତ୍ର ଯେଉଁଠି ପୁରସ୍କାର ସଙ୍ଗେ ସଙ୍ଗେ ମିଳିଥାଏ। ସେଥିପାଇଁ ଅପେକ୍ଷା କରିବାକୁ ପଡ଼େନା।' ଏକଥା କହନ୍ତି ସିରିଏଲ୍‌ରୁ ଯାତ୍ରାକୁ ଆସି ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରି ପାରିଥିବା ଅଭିନେତା ରୋହନ୍ ଓରଫ୍ ଈଶ୍ୱର କୁମାର ଭଞ୍ଜଦେଓ। ଖୋର୍ଦ୍ଧା ଜିଲାର ଗଡ଼ହଲଦିଆ ଗ୍ରାମରେ ଜନ୍ମ ହୋଇଥିବା ରୋହନଙ୍କର ପିଲାବେଳୁ ଯାତ୍ରା ପ୍ରତି ରୁଚି ଥିଲା। ଗାଁରେ ହେଉଥିବା ଯାତ୍ରା ତଥା ସ୍କୁଲ ଡ୍ରାମାରେ ରୋଲ୍ କରି ସେ ପୁରସ୍କାର ଜିତୁଥିଲେ। ତେବେ ସେ ଏକଥା ଜାଣି ନ ଥିଲେ ଯେ, ସେ ଦିନେ କଳାକୁ ନିଜର ପେସା କରିବେ। ଗ୍ରାଜୁଏଶନ୍ ପରେ ତାଙ୍କୁ ସିରିଏଲ୍‌ରୁ ଅଫର ମିଳିଲା। 'ବଡ଼ଘର ବଡ଼ ଗୁମର କଥା', 'ବଧୂ', 'କୁମ୍‌କୁମ୍', 'କଥା ତ ଏତିକି' ଆଦି ଧାରାବାହିକରେ ଅଭିନୟ କରି ବେଶ୍ ସୁନାମ ଅର୍ଜନ କଲେ। ତେବେ ସେ ଗୋଟିଏ କଥା ଅନୁଭବ କଲେ ଯେ ସିରିଏଲ୍‌ରେ ଅଭିନୟ କଲେ ହୁଏତ ସୁନାମ ମିଳିପାରିବ। ମାତ୍ର ଠିକ୍ ଭାବରେ ପରିବାର ପ୍ରତିପୋଷଣ କରିହେବ ନାହିଁ। ଆଉ ସେତିକିବେଳେ ହିଁ ତାଙ୍କୁ ଅଫର ମିଳିଲା ଯାତ୍ରାରେ ଯୋଗଦେବା ପାଇଁ। ଆଉ ସେ ସାମାନ୍ୟ ବିଳମ୍ବ ନ କରି ଚାଲି ଆସିଲେ ଯାତ୍ରାକୁ। ପ୍ରଥମ ନାଟକ ଥିଲା କିଶୋର ଖଣ୍ଟୁଆଳଙ୍କ 'କଥା ଥିଲା ଫଗୁଣକୁ'। ଏଥିରେ ସେ ଖଳ ଚରିତ୍ରରେ ମଞ୍ଚକୁ ଆସିଲେ। ବାସ୍, ଆଉ ପଛକୁ ଫେରି ଚାହିଁବାର ଅବକାଶ ମିଳିନାହିଁ। ସେ 'ଗୌରୀ ଗଣନାଟ୍ୟ' ଭଳି ନାଟ୍ୟସଂସ୍ଥାରେ ଅଭିନୟ କରି ଏବେ ଆସି ପହଞ୍ଚିଛନ୍ତି 'ଶିବାନୀ ଗଣନାଟ୍ୟ'ରେ। ତାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି 'ସ୍ୱାମୀର ସିନ୍ଦୂର ସତ ଲାଗୁନି', 'ମୋ ଠିକଣା ମୋତେ ଅଜଣା', 'ସବୁ ଉପରବାଲାର ଖେଳ', 'ଧରମ ସ୍ତ୍ରୀ', 'ରଜନୀ ସଜନୀ ରାତି ପାହିଲା', 'ବରଣୀ କନିଆଁ ବରଷା ରାଣୀ', 'ଚାଲ କରିବା ଠିଆପାଲା', 'ରାମ ବନବାସ କାହାଣୀ ଶେଷ', 'ରୂପ ରାଇଜର ରାଜକୁମାରୀ' ଏବଂ ଆହୁରି ଅନେକ। ଚଳିତବର୍ଷ 'ଶିବାନୀ ଗଣନାଟ୍ୟ'ର ସେ ଦୁଇଗୋଟି ନାଟକରେ ଅଭିନୟ କରିଛନ୍ତି। 'ବାହାଘର ନୁହେଁ ବାହା ବଜାର' ଏବଂ 'ସବୁ ଅଧାଅଧା ନାଁଟି ରାଧା'। ଅଭିନୟ ହେଉଛି ରୋହନଙ୍କ ଜୀବନର ପ୍ରଥମ ପ୍ରେମ। ସେ ସବୁବେଳେ ଅଭିନୟକୁ ଗୁରୁତ୍ୱ ଦିଅନ୍ତି। ଯେଉଁ ଚରିତ୍ର ମିଳିଲା ତାହାକୁ କିପରି ନ୍ୟାୟ ଦେବେ ସେହିକଥା ଚିନ୍ତାକରନ୍ତି। ଆଗାମୀ ଦିନରେ ଖୁବ୍ ଭଲ ଅଭିନୟ କରି ତାଙ୍କର ପ୍ରିୟ ଦର୍ଶକମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗେଇବେ ବୋଲି କହିଛନ୍ତି ଏହି ଅଭିନେତା।



# ବଙ୍କିମଙ୍କ ନୂଆ ମିଶନ



କିଛି ନୂଆ କଥା କରିବା ସମସ୍ତଙ୍କ ଦ୍ୱାରା ସମ୍ଭବ ହୁଏନା। ସେଥିପାଇଁ ଦରକାର ଦୁଃସାହସ, ଅଙ୍ଗୀକାରବଦ୍ଧତା ତଥା ନିଜ ଉପରେ ପ୍ରଚଣ୍ଡ ଆତ୍ମବିଶ୍ୱାସ। ସେମିତି ଜଣେ ମଣିଷ ହେଉଛନ୍ତି ନାଟ୍ୟକାର ତଥା ନାଟ୍ୟ ପରିଚାଳକ ବଙ୍କିମ ସ୍ୱାଇଁ। ମନେ ପକାନ୍ତୁ ନବେ ଦଶକର ପ୍ରଥମାର୍ଦ୍ଧରେ 'ସାହାଣୀ ଅପେରା' ଏକ ନାଟକ ପ୍ରଯୋଜନା କରିଥିଲା, ଯାହାର ଶୀର୍ଷକ ଥିଲା 'ସାହାଣୀ ମାଷ୍ଟ୍ରଙ୍କ ଭଙ୍ଗା ସିଲଟ'। ଏହି ନାଟକର ନାଟ୍ୟକାର ଥିଲେ ବଙ୍କିମ ସ୍ୱାଇଁ। ନାଟକଟି ଅନେକ ନୂଆ କଥାକୁ ଜନ୍ମ ଦେଇଥିଲା। ଯେମିତି କି ସେଇ ନାଟକରେ ନୂଆକରି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବିକାଶ ଶୁକ୍ଳା ଆଜି ଯାତ୍ରା ଜଗତର ଜଣେ ନମ୍ବର ୱାନ୍ ସଙ୍ଗୀତ ନିର୍ଦ୍ଦେଶକ। ସେଦିନ ସାହାଣୀ ମାଷ୍ଟ୍ରେଙ୍କୁ ଭଙ୍ଗା ସିଲଟ ଧରେଇ ବହୁ ନୂଆ ଇତିହାସ ସୃଷ୍ଟି କରିଥିବା ବଙ୍କିମ୍ ସ୍ୱାଇଁ ଆଗାମୀ ଯାତ୍ରାବର୍ଷ ପାଇଁ ଏକ ନୂଆ ତଥା ନିଆରା ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତିଟି ହେଉଛି, ସେ ଆସନ୍ତା ଯାତ୍ରା ଋତୁରେ କିଛି ନୂଆ ନାଟ୍ୟକାରଙ୍କୁ ସୁଯୋଗ ଦେବେ। ଯେଉଁମାନେ ତୃଣମୂଳ ସ୍ତରରେ ନାଟକ ଲେଖୁଛନ୍ତି; ଅଥଚ ପୁରୁଣାମାନଙ୍କର ଭିଡ଼ରେ ଆଗକୁ ଆସିବାର ସୁଯୋଗ ପାଉନାହାନ୍ତି ସେମାନଙ୍କୁ ସେ ଏଥିପାଇଁ ଆହ୍ୱାନ ଦେଇଛନ୍ତି। ଏ ବାବଦରେ ବଙ୍କିମ କହନ୍ତି : ମୋ ଓଡ଼ିଶାରେ ପ୍ରତିଭାର ଅଭାବ ନାହିଁ। ମାତ୍ର ସୁଯୋଗର ଅଭାବ ରହିଛି। ସୁଯୋଗ ନ ପାଇଲେ ପ୍ରତିଭାଟିଏ କିପରି ମଉଳିଯାଏ ସେକଥା ମୁଁ ନିଜେ ଅନୁଭବ କରିଛି। ସେଥିଲାଗି ମୁଁ ଓଡ଼ିଶାର କୋଣ ଅନୁକୋଣରେ ଥିବା ନାଟ୍ୟକାରମାନଙ୍କୁ ଆମନ୍ତ୍ରଣ କରିଛି। ମୋର ଉଦ୍ଦେଶ୍ୟ, ମୁଁ ସେମାନଙ୍କ ସହ ମିଶିବି। ସେମାନଙ୍କ ମନକଥା ଜାଣିବି। ସେମାନେ କ'ଣ ଲେଖୁଛନ୍ତି ତାହା ପଢ଼ିବି। ସେମାନଙ୍କ ଭିତରେ ଥିବା ସମ୍ଭାବନାକୁ ଆବିଷ୍କାର କରିବି। ଆଉ ଯିଏ ସୁଯୋଗ ପାଇବାକୁ ଯୋଗ୍ୟ ତାକୁ ସୁଯୋଗ ଦେବାକୁ ଚେଷ୍ଟା କରିବି। ଦରକାର ପଡ଼ିଲେ ସେମାନଙ୍କ ଲାଗି ମୁଁ ଲଢ଼େଇ କରିବି।


ବଙ୍କିମ ସ୍ୱାଇଁଙ୍କ ଏ ଘୋଷଣା ଫଳରେ ନୂଆ ନାଟ୍ୟକାରମାନଙ୍କ ମଧ୍ୟରେ ନୂତନ ଉଦ୍ଦୀପନା ସୃଷ୍ଟି ହୋଇଛି। ଯାତ୍ରାଜଗତ ସହ ସଂଶ୍ଳିଷ୍ଟ ଅନେକ ଲୋକ ଏହାକୁ ଏକ ଦୁଃସାହସିକ ପଦକ୍ଷେପ ବୋଲି କହିବା ଆରମ୍ଭ କରିଛନ୍ତି। ଅବଶ୍ୟ କେହିକେହି ଏହାକୁ ନେଇ ଭିନ୍ନ ମନ୍ତବ୍ୟ ଦେଇଛନ୍ତି। ତେବେ ଯାତ୍ରାଜଗତ ସହ ଜଡ଼ିତ ଥିବା ଅଧିକାଂଶ ବୁଦ୍ଧିଜୀବୀ କହିଛନ୍ତି ଯେ, ଏଭଳି ପଦକ୍ଷେପକୁ ବିରୋଧ କରାଯିବା ଅନୁଚିତ। ନୂଆମାନଙ୍କୁ ସ୍ୱାଗତ କରିବା ଆବଶ୍ୟକ। କାରଣ ଆଜି ଯେଉଁମାନେ ପୁରୁଣା ଦିନେ ସେମାନେ ବି ନୂଆ ଥିଲେ। ସେମାନଙ୍କୁ ବି ସୁଯୋଗ ଦେବା ପାଇଁ କେହି ଜଣେ ନୂଆ ପଦକ୍ଷେପଟେ ନେଇଥିଲେ। ତେଣୁ ସବୁବେଳେ ନୂଆ ସୃଷ୍ଟି, ନୂଆ ସମ୍ଭାବନା ତଥା ନୂତନ ଚିନ୍ତାଧାରାକୁ ସ୍ୱାଗତ କରାଯାଉ। ସେଥିରେ ହୁଏତ ବ୍ୟକ୍ତିଗତ ସ୍ୱାର୍ଥ ହାନି ହୋଇପାରେ। ମାତ୍ର ଜଗତର ମଙ୍ଗଳ।

ସୂଚନାଯୋଗ୍ୟ ଯେ, ନୂଆ ଲେଖକଙ୍କ ପାଇଁ ଉପରୋକ୍ତ ବୈପ୍ଳବିକ ଚିନ୍ତା ପୋଷଣ କରିଥିବା ଶ୍ରୀଯୁକ୍ତ ସ୍ୱାଇଁ ପ୍ରଥମତଃ ଥିଲେ ଜଣେ ସ୍ରଷ୍ଟା। ତାଙ୍କର ପ୍ରଥମ ନାଟକ ଥିଲା 'ବାଘ ବଜାରୀ ଖେଳ'। ତା'ପରେ ସେ ଲେଖିଥିଲେ ତାଙ୍କର ସର୍ବାଧିକ ଲୋକପ୍ରିୟ ନାଟକ 'ସାହାଣୀ ମାଷ୍ଟ୍ରଙ୍କ ଭଙ୍ଗା ସିଲଟ'। ଏହା ପରେ ପରେ ତାଙ୍କ କଲମରୁ ସୃଷ୍ଟିହେଲା 'ଧନ୍ୟ ସେ ମା' ଧନ୍ୟ ସେ ମାଟି', 'ଶୁଭ ସାହାନାଇ ବିଷ କଳସ', 'ହୁଳହୁଳି ଦିଅ ଭାଉଜ ରାଣୀ', 'ଜହ୍ନ ହଜିଗଲା ପୂନେଇ ଦିନ', 'କଣ୍ଢେଇ ଦେଇ ଭଣ୍ଡେଇ ଦେଲୁ', ମୋ ଛବି ବହି, 'ବୋହୂ ମୋର ଠିକ୍ କରିଛି', 'ଯେମିତି ଦିଅଁକୁ ସେମିତି ପୂଜା', 'ମାମୁ ମତେ ମାଇଲେ' ଏବଂ 'ବେଇମାନ'। ଜଣେ ସ୍ରଷ୍ଟା ଯେ ଆଉ ଜଣେ ସ୍ରଷ୍ଟାର ମର୍ମକଥା ଅନୁଭବ କରିପାରେ ତାହାର ପ୍ରମାଣ ଦେଇଛନ୍ତି ବଙ୍କିମ।

# ପୁରୁଷବନ୍ଧୁଙ୍କୁ ଡେଟିଂରୁ ଜାଣନ୍ତି ଯୁବତୀ




ନିଜର ଗର୍ଲଫ୍ରେଣ୍ଡକୁ ଡେଟିଂରେ ନେଇ ଯାଉଥିବା ଯୁବକମାନେ ବହୁ ବିଷୟରେ ସତର୍କ ରହିବା ଆବଶ୍ୟକ। ବିଶେଷକରି ଯେତେବେଳେ ବିଲ୍ ପଇଠ କରିବାର ସମୟ ଆସୁଛି ସେତେବେଳେ ସାମାନ୍ୟ ଅସତର୍କତା ହୁଏତ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି କରିପାରେ। ନିକଟରେ ଏକ ଅଧ୍ୟୟନରୁ ଏ ବିଷୟ ଜାଣିବାକୁ ମିଳିଛି। ଡେଟିଂରେ ଯାଉଥିବା ଯୁବତୀମାନେ ଜାଣିବାକୁ ଚାହାନ୍ତି ଯେ, ସେମାନେ ଯେଉଁ ଯୁବକକୁ ଜୀବନ ସାଥୀ କରିବାକୁ ଯାଉଛନ୍ତି ସେମାନଙ୍କ ଚରିତ୍ର କିପରି। ସେ ଭବିଷ୍ୟତରେ ତାକୁ କିଭଳି ରଖିବ। ବିଶେଷକରି ଯଦି ଜଣେ ଯୁବକ ବିଲ୍ ଦେବାବେଳେ ବିଲ୍‌କୁ ଶେୟାର କରିବାକୁ ଚାହୁଁଥାଏ, ତା'ହେଲେ ସେମାନେ ତା'ପରେ ସେହି ଯୁବକ ସହିତ ଡେଟିଂ କରି ନ ଥାନ୍ତି। ସେମାନେ ଜାଣିଯାଆନ୍ତି ଯେ, ଯୁବକଟି ନିଜର ପକେଟ୍‌କୁ ଯେତେ ଭଲ ପାଉଛି ସେତିକି ତା'ର ଗର୍ଲଫ୍ରେଣ୍ଡକୁ ଭଲ ପାଉନାହିଁ। ପୁଣି ଭବିଷ୍ୟତରେ ହୁଏତ ସେ ତା'ର ଅର୍ଥରେ ଚଳିବା ପାଇଁ ଚାହିଁପାରେ ନ ହେଲେ ତା'ର ଅର୍ଥନୈତିକ ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିପାରେ ବୋଲି ଯୁବତୀର ଧାରଣା ହୋଇଯାଏ। ଆଉ ଯୁବତୀଜଣକ ସେଇଠୁ ହିଁ ସମ୍ପର୍କ ଶେଷ କରିଦେଇଥାନ୍ତି। ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଯୁବତୀଙ୍କୁ ନେଇ କରାଯାଇଥିବା ଗବେଷଣାରୁ ଏଭଳି ଏକ ନିଷ୍କର୍ଷ ମିଳିଛି।



# କୁକୁରର ମାଟରନିଟି ଫଟୋଶୁଟ୍

ଆଜିକାଲି ୱେଡିଂ, ପ୍ରି ୱେଡିଂ ଫଟୋଶୁଟ୍ ବେଶ୍ ସାଧାରଣ ହୋଇଗଲାଣି। ସେମିତି ଆଉ ଏକ ଫଟୋଶୁଟ୍‌ର ଟ୍ରେଣ୍ଡ ବି ଚାଲିଛି। ସେ ହେଉଛି ମାଟରନିଟି ଫଟୋଶୁଟ୍। ଏଥିରେ ନାରୀଙ୍କ ଗର୍ଭାବସ୍ଥାର ଫଟୋଶୁଟ୍ କରାଯାଇଥାଏ। ହେଲେ ନିକଟରେ ଏକ ପ୍ରାଣୀର ମାଟରନିଟି ଫଟୋଶୁଟ୍ ସୋସିଆଲ୍ ମିଡିଆରେ ଛାଇ ରହିଛି। ପ୍ରାଣୀଟି ହେଉଛି ଏକ ପିଟ୍ ବୁଲ୍ ପ୍ରଜାତିର କୁକୁର। ସେପ୍ଟେମ୍ବର ପ୍ରାରମ୍ଭ ବେଳକୁ ୨ ବର୍ଷୀୟ ଏହି ପିଟ୍‌ବୁଲ୍ କୁକୁର, ଯେକି 'ମାମା ପିକଲ୍ସ' ନାମରେ ପରିଚିତ, ଏକୁଟିଆ ରାସ୍ତାରେ ବୁଲୁଥିବାବେଳେ 'ପିଟ୍ସ ଆଣ୍ଡ ଗିଗଲ୍ସ'ନାମକ ସ୍ୱେଚ୍ଛାସେବୀ ସଂସ୍ଥାର କିଛି ସଦସ୍ୟ ତାକୁ ଦେଖିଥିଲେ। ସେମାନେ ଅନୁଭବ କଲେଯେ, କୁକୁରଟିକୁ ସାହାଯ୍ୟ ଦରକାର। କାରଣ ସେ ଥିଲା ଗର୍ଭବତୀ। ପେଟ ବହୁତ ବଡ଼ ଥିବାରୁ ଭଲରେ ଚଲାବୁଲା କରିପାରୁ ନ



ଥିଲା। ତାକୁ ଆଣି ରେସ୍କ୍ୟୁ ସେଣ୍ଟରରେ ଛାଡିଲେ ଓ ବହୁତ ଯତ୍ନ ନିଆଗଲା। ଆଉ ସେଠାରେ କୁକୁରଟିର ମାଟରନିଟି ଫଟୋସୁଟ୍ ବି କରାଗଲା। ମାମା ବି ବେଶ୍ ଦକ୍ଷତାର ସହ ଏକ ମଡେଲ ଭଳି ପୋଜ୍ ଦେଇଥିଲା। ଏହି ସୁଟ୍‌ର ଅଳ୍ପ କିଛିଦିନ ପରେ ହିଁ ମାମା ୮ଟି ସନ୍ତାନର ଜନନୀ ହେଲା। ଏହାପରେ ମା' ଓ କୁକୁର ଛୁଆଙ୍କର ବି ଫଟୋଶୁଟ୍ କରାଗଲା। ଏହି ଫଟୋଶୁଟ୍ ଥିଲା ଆହୁରି ଆକର୍ଷକ। ଏଥିରେ ମା'ଛୁଆଙ୍କ ସ୍ନେହର ଝଲକ ଦେଖିବାକୁ ମିଳୁଥିଲା।

ବ୍ୟାକ୍ ପେଜ୍

# ପାସ୍ତା ଷ୍ଟ୍ର

ପୃଥିବୀକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ଅଭିଯାନ ଏବେ ଜୋର୍ ଧରିଛି। ତେଣୁ ବିଭିନ୍ନ ପ୍ଲାଷ୍ଟିକ୍ ଜିନିଷର ବିକଳ୍ପ ତିଆରି କରାଗଲାଣି। ନିକଟରେ ଇଟାଲିର କିଛି ରେଷ୍ଟୁରାଣ୍ଟରେ ବି ଏମିତି କିଛି ପଦକ୍ଷେପ ନିଆଯାଇଛି, ଯାହା ବେଶ୍ ପ୍ରେରଣାଦାୟକ। ଏଠାରେ କୌଣସି ଡ୍ରିଙ୍କ ପିଇବା ପାଇଁ ପ୍ଲାଷ୍ଟିକ୍‌ର ଷ୍ଟ୍ର' ବ୍ୟବହାର କରାଯାଇ ନ ଥାଏ। ବରଂ ବ୍ୟବହାର କରାଯାଏ ପାସ୍ତାର ଷ୍ଟ୍ର'। ଏହି ଷ୍ଟ୍ର ତିଆରି କରିବା ପାଇଁ ଏକ କମ୍ପାନୀ ବି ସେଠାରେ ଗଢି ଉଠିଛି, ଯାହାର ନାଁ 'ଷ୍ଟ୍ରୁଡଲସ୍'। ଏହି ଷ୍ଟ୍ର ଡ୍ରିଙ୍କ୍‌ରେ ଏକ ଘଣ୍ଟା ପର୍ଯ୍ୟନ୍ତ ରହିପାରେ। ଏହା ସ୍ୱାଦହୀନ ଏବଂ ଖରାପ ହୋଇଗଲେ କମ୍ପୋଷ୍ଟଭାବେ ବ୍ୟବହାର କରାଯାଇପାରେ। କମ୍ପାନୀର ମାଲିକ ମାକ୍ସିମ୍ ଗେଲମାନ୍ କହନ୍ତି, 'ଏହି ଛୋଟିଆ ପ୍ରୟାସ ହେଉଛି ଆମର ପ୍ଲାଷ୍ଟିକ ବିରୋଧରେ ପ୍ରଥମ ଲଢେଇ। ଆଗକୁ ଆହୁରି ଅନେକ ପଦକ୍ଷେଦ ନେବା ବାକି ରହିଛି।'








# ସୁନା ମଣିଷ

ପ୍ରତିଦିନ ସେ ପିନ୍ଧନ୍ତି ୫ କି.ଗ୍ରା.ରୁ ଅଧିକ ଓଜନର ସୁନା। ବେକରେ ମୋଟା ମୋଟା ସୁନାର ଚେନ୍, ହାତରେ ସୁନାର କଙ୍କଣ ସହ ୧୦ ଆଙ୍ଗୁଳିରେ ୧୦ଟି ବଡ଼ ବଡ଼ ସୁନାର ମୁଦି, ତାସହ ସୁନାର ଘଣ୍ଟା। କେବଳ ସେତିକି ନୁହେଁ ହାତରେ ତାଙ୍କର ଥାଏ ସୁନାର କଭରରେ ଥିବା ଆଇଫୋନ୍। ପାଦରେ ପିନ୍ଧନ୍ତି ସୁନାର





ଜୋତା। ତେବେ ଆମେ ଏଠାରେ କୌଣସି ମହିଳାଙ୍କ ବିଷୟରେ କହୁ ନାହୁଁ। ବରଂ ଜଣେ ପୁରୁଷ ଯିଏକି ସୁନା ପାଇଁ ପାଗଳପ୍ରାୟ। ତେଣୁ ସେ ନିଜକୁ ସଜାଇ ଥାଆନ୍ତି ଖାଣ୍ଟି ସୁନାର ଗହଣାରେ। ସେ ହେଉଛନ୍ତି ମହାରାଷ୍ଟ୍ର, ପୁନେର ପ୍ରଶାନ୍ତ ଲକ୍ଷ୍ମଣ ସପକଲ୍। ପେସାରେ ସେ ଜଣେ ବ୍ୟବସାୟୀ। ଏନ୍‌ଏସଏସ୍ ନାମ ସମାଜସେବା ସଂସ୍ଥା ସହ ମଧ୍ୟ ସେ ଜଡିତ ଅଛନ୍ତି। ପ୍ରଶାନ୍ତଙ୍କର ପିଲାଦିନରୁ ସୁନା ପ୍ରତି ଦୁର୍ବଳତା ରହିଥିଲା। ଅକ୍ଟୋବର ୨୦୧୮ରୁ ସେ ଏଭଳି ସୁନା ପିନ୍ଧିବା ଆରମ୍ଭ କରିଛନ୍ତି। ଆଉ ସାଜିଛନ୍ତି ଭାରତର ନୂଆ ଗୋଲ୍ଡମ୍ୟାନ୍।